## ସଂକ୍ଷେପରେ

### ଗଛରେ ପିଟିହେଲା ଆମ୍ବୁଲାନ୍ସ, ଡ୍ରାଇଭର ଗୁରୁତର



ସଜନାଗଡ଼, ୮।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଅନ୍ତର୍ଗତ ସେରଗଡ଼ ଉଦଳା ରାସ୍ତା ୧୯ନଂ. ଜାତୀୟ ରାଜପଥ ଆମ୍ବୁଡ଼ିହା ପେଟ୍ରୋଲପମ୍ପ ନିକଟରେ ଏକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସମେତ ଅନ୍ୟ ୨ଜଣ ମଧ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦୮ ଆମ୍ବୁଲାନ୍ସ ନ ଥିବାରୁ ଜଣେ ରୋଗୀଙ୍କୁ କଟକ ସ୍ଥାନାନ୍ତର ପାଇଁ ନୀଳଗିରି ମେଡ଼ିକାଲରୁ ଆମ୍ବୁଲାନ୍ସ ମଗାଯାଇଥିଲା। ଆମ୍ବୁଲାନ୍ସ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଉକ୍ତ ରୋଗୀଙ୍କୁ ନେଇ କଟକ ବଡ଼ମେଡ଼ିକାଲରେ ଛାଡ଼ି ନୀଳଗିରିକୁ ଫେରୁଥିବା ବେଳେ ଶନିବାର ଭୋର୍ ସମୟରେ ଭାରସାମ୍ୟ ହରାଇ ଆମ୍ବୁଡ଼ିହା ନିକଟରେ ଥିବା ଏକ ଗଛକୁ ପିଟି ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଡ୍ରାଇଭର ଓ ଅନ୍ୟ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଏହାପରେ ସେମାନଙ୍କୁ ତୁରନ୍ତ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଡ୍ରାଇଭରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଗୁରୁତର ଡ୍ରାଇଭର ଜଣକ ହେଲେ ମିତ୍ରପୁର ଅଞ୍ଚଳର ଖଗେନ୍ଦ୍ର ମହାଲିକ। ଅନ୍ୟ ଜଣେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗାଁର ଯୋଗେଶ୍ୱର ମହନ୍ତ ବୋଲି ଜଣାପଡ଼ିଛି।

### ଜଳିଗଲା ଘର, ୪ ଗାଈ ଜୀବନ୍ତ ଦଗ୍ଧ

#### ହାତୀ ଘଉଡ଼ାଇବା ବେଳେ ବାଣ ନିଆଁ କାଳ ହେଲା

ଜଳେଶ୍ୱର, ୮।୨(ସ୍ୱ.ପ୍ର.): ବାଲେଶ୍ୱର ଜିଲାର ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ବାଣରେ ନିଆଁ ଲଗାଇ ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ନିଆଁ ଏକ ଘର ଉପରେ ପଡିଯାଇଥିଲା। ଘରଟି ସମ୍ପୂର୍ଣ୍ଣ ଜଳିଯିବାରୁ ତା' ଭିତରେ ବନ୍ଧା ହୋଇଥିବା ୪ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଶୁକ୍ରବାର ରାତିରେ ଶିମିଳିପାଳର ୧୩ଟି ହାତୀ ରଙ୍ଗାମାଟିଆ ଜଙ୍ଗଲରୁ ଯାଇ କୁମୁଟିଆ ଗାଁରେ ବ୍ୟାପକ କ୍ଷତି ଘଟାଇଛନ୍ତି। କୁମୁଟିଆ ଜଙ୍ଗଲ ନିକଟରେ କେତେକ ଆଦିବାସୀ ଲୋକ ଗୃହ ନିର୍ମାଣ କରି ରହିଥିଲେ। ରାତିରେ ହାତୀଗୁଡ଼ିକ ଏହି ଘର ନିକଟକୁ ଯାଇ କିଛି ସମୟ ରହିଥିଲେ। ତେଣୁ ଗ୍ରାମବାସୀ ଓ ବନକର୍ମଚାରୀ ହାତୀ ଘଉଡ଼ାଇବା ପାଇଁ କିଛି ବାଣ ବ୍ୟବହାର କରିଥିଲେ। ଏହି ବାଣ ନିଆଁ ଜଗ ସିଂଙ୍କ ଘର ଉପରେ ପଡିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଘରେ କେହି ରହୁ ନ ଥିବାବେଳେ ୪ଟି ଗାଈ ବନ୍ଧା ହୋଇଥିବାରୁ ସେଗୁଡ଼ିକ ପୋଡି ପାଉଁଶ ହୋଇଯାଇଛନ୍ତି ବୋଲି ଜଗା ସିଂ ପ୍ରକାଶ କରିଛି। ଏ ସମ୍ପର୍କରେ ରେଞ୍ଜର ସରୋଜ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ହାତୀ ଘଉଡ଼ାଇବା ବେଳେ କେତେକ ଗ୍ରାମବାସୀ ଓ ବନକର୍ମଚାରୀ ଘଟଣାସ୍ଥଳର ଅଳ୍ପ ଦୂରରେ ଥଣ୍ଡା ଯୋଗୁ ନିଆଁ ପୋଉଥିଲେ। ମଧରାତ୍ରିରେ ବନକର୍ମଚାରୀମାନେ ଫେରି ଆସିଥିବା ବେଳେ ଭୋର ସମୟରେ ଜଗା ସିଂଙ୍କ ଘରେ ନିଆଁ ଲାଗିଯାଇଥିଲା।

# ମନ୍ଥର ଗତିରେ ରେଳ ଓଭରବ୍ରିଜ୍ ନିର୍ମାଣ

ଜଳେଶ୍ୱର, ୮।୨(ସ୍ୱ.ପ୍ର.)

ଦୁଇବର୍ଷ ପୂର୍ବେ ଆରମ୍ଭ ହୋଇଥିବା ବହୁ ପ୍ରତୀକ୍ଷିତ ବାଲେଶ୍ୱର ଜିଲାର ଚାଲନ୍ତି ରେଳ ଓଭରବ୍ରିଜ୍‌ର ଅବଧି ଆଉ ୬ମାସ ବାକି ଅଛି। ଏହାର ଏକ ଚତୁର୍ଥାଂଶ କାମ ସରିଥିବାରୁ ପ୍ରକଳ୍ପ କାମ ଶେଷ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ମରାମତି ଅଭାବରୁ ପୁରୁଣା ରାସ୍ତା ଏବେ ମରଣଯନ୍ତାରେ ପରିଣତ

**ଅବଧି ଆଉ ୬ ମାସ**

ହୋଇଛି। ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ ସହିତ ପୁରୁଣା ରାସ୍ତାର ମରାମତି ଦ୍ରୁତ ଗତିରେ କରାଯିବାକୁ ଦାବି ହେଉଛି।

୬୦ନଂ. ଜାତୀୟ ରାଜପଥର ଚାଲନ୍ତିଠାରୁ ଜଳେଶ୍ୱର, ଦାନ୍ତୁନ, ଖଡ଼ଗପୁର, ରାଇବଣିଆ, ଗୋପୀବଲ୍ଲଭପୁର ଓ ଏପରିକି ଚନ୍ଦନେଶ୍ୱର, ଦୀଘା ଯିବା ପାଇଁ ରେଳ ଲେଭଲ କ୍ରସିଂ ବାଧକ ସୃଷ୍ଟି କରୁଛି। ବାରମ୍ବାର ଲେଭଲ କ୍ରସିଂ ଫାଟକ ପଡୁଥିବାରୁ ଯାନବାହନଗୁଡିକ ଦୀର୍ଘ ସମୟ ଧରି ଅଟକି ରହିବାକୁ ପଡୁଛି। ବହୁ ଦାବି, ଆନ୍ଦୋଳନ ପରେ ୨୦୧୫ରେ ତତ୍କାଳୀନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଓ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ହସ୍ତକ୍ଷେପ ଫଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଭାଗିତାରେ ସେଠାରେ ଏକ ରେଳ ଓଭରବ୍ରିଜ୍ ( ଆର୍‌ଓବି–୫୨) ନିର୍ମାଣ ଲାଗି ଯୋଜନା ପ୍ରସ୍ତୁତ ହୋଇଥିଲା। ଫଳରେ ଚାଲନ୍ତିଠାରେ ୪୦୮ମିଟର ଲମ୍ବ ଓ ୧୩.୫ ମିଟର ଓସାରର ପୋଲ ସହିତ ଏକ ମିଟର ଓସାରର ଫୁଟ ଓଭରବ୍ରିଜ୍ ଓ ୨୦୦ ମିଟର ଆପ୍ରୋଚ୍‌ରୋଡ ନିର୍ମାଣ ବାବଦ ମୋଟ ୬୧ କୋଟି ୯୫ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏଥିରେ ମୋଟ ୩୧ଟି ପିଲର୍ ରହିବାକୁ ଥିବା ବେଳେ ୩୭.୨୫ ମିଟର ଲମ୍ବର ୪ଟି ରେଳ ବିଭାଗର ପିଲର୍ ଓ ୧୯.୨୫ ମିଟର ଲମ୍ବର ଅନ୍ୟ ୨୭ଟି ପିଲର୍ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଠିକାଦାର ନିର୍ମାଣ କରିବାର ଚୁକ୍ତି ହୋଇଥିଲା। ଚୁକ୍ତି ଅନୁଯାୟୀ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ୨୦।୭।୧୮ରେ ଆରମ୍ଭ ହୋଇଥିବା ବେଳେ ୧୯।୭।୨୦୨୦ରେ ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିପାଇଁ ୪୯ କୋଟି ୯୨ଲକ୍ଷ ୫୭ ହଜାର ୦୨୮ଟଙ୍କାରେ ବ୍ୟୟ ଅଟକଳ କରାଯାଇଛି। ଅଦ୍ୟାବଧି କାର୍ଯ୍ୟ ଶେଷ ହେବାକୁ ୬ମାସ ବାକି ଥିବା ବେଳେ ଠିକାଦାର ଆଶୀର୍ବାଦ କନ୍‌ଷ୍ଟ୍ରକଶନ ୨୭ ପିଲର ମଧ୍ୟରେ ମାତ୍ର ୧୬ଟି ପିଲର ଗ୍ରାଉଣ୍ଡ ଲେଭଲଠାରୁ ଆରମ୍ଭ କରିଛି। ଅନ୍ୟ ୧୧ଟି ପିଲର କାମ ଆଦୌ ଆରମ୍ଭ ହୋଇନାହିଁ। ଏହି ଆର୍‌ଓବି ଲାଗି ବେସରକାରୀ ଜମି ଅଧିଗ୍ରହଣ ହେବାକୁ ନ ଥିବାବେଳେ ପୋଲ ନିର୍ମାଣ ଲାଗି ପୁନଃ ଆର୍ଥିକ ନିର୍ଦ୍ଧାରଣ ୬୩ କୋଟି ୮୧ଲକ୍ଷ ୪୯୬୦ଟଙ୍କା ଧାର୍ଯ୍ୟ ହୋଇଛି। ଗୋଟିଏ ପିଲରୁ ଅନ୍ୟ ଏକ ପିଲର ମଧ୍ୟରେ ଥିବା ସ୍ଲାବରେ ୫ଟି ବିମ୍‌ସ୍ ଦିଆଯାଇ ଅତ୍ୟାଧୁନିକ ଯନ୍ତ୍ର ମାଧ୍ୟମରେ ତାହା ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ଅଦ୍ୟାବଧି କାର୍ଯ୍ୟର ପ୍ରଗତି ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ଓପିଟିସିଏଲ୍‌ର ଏକ ଟାୱାର ଲାଇନ୍ ପ୍ରତିବନ୍ଧକ ସୃଷ୍ଟି ମଧ କରୁଛି। ଏହାକୁ ଅପସାରଣ ଲାଗି ୨କୋଟି ୧ଲକ୍ଷ ୬୮ହଜାର ଟଙ୍କାର ଅନ୍ୟ ଏକ ଟେଣ୍ଡର ହୋଇଥିବା ଜଣାଯାଇଛି। ଏବେ ଠିକାଦାର କାର୍ଯ୍ୟକୁ ୩୦।୬।୨୦୨୧ରେ ଶେଷ କରିବା ପାଇଁ ସରକାରଙ୍କୁ ଆବେଦନ କରିଛନ୍ତି।



ନିର୍ମାଣାଧୀନ ଚାଲନ୍ତି ରେଳ ଓଭରବ୍ରିଜ୍।

## ଗାୟତ୍ରୀ ଯଜ୍ଞର ଶୁଭାରମ୍ଭ

ବାଲେଶ୍ୱର ଅଫିସ, ୮।୨

ବାଲେଶ୍ୱର ଜିଲା ଗାୟତ୍ରୀ ଶକ୍ତିପୀଠ ଅଙ୍ଗାରଗଡ଼ିଆରେ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଶୁକ୍ରବାର ସମାଜସେବୀ ସୁବାସିନୀ ଜେନାଙ୍କ ଦ୍ୱାରା ଆଧାତ୍ମିକ ପତାକା ଉତ୍ତୋଳନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଯଜ୍ଞ କଳସର ଶୋଭାଯାତ୍ରା ୧୦୮ ଜଣ ମହିଳାଙ୍କ ଦ୍ୱାରା ଅଙ୍ଗାରଗଡ଼ିଆରୁ ଆରମ୍ଭ ହୋଇ ପୋଲିସ ଲାଇନ ଆଜିମାବାଦ ହୋଇ ହରଗଙ୍ଗା ପୋଖରୀରୁ କଳସ ପୂଜନ ପରେ ସେଣ୍ଟ୍ରାଲ ସ୍କୁଲ, ଆଇଟିଆଇ ଛକ ଦେଇ ସହର ପରିକ୍ରମା କରି ସନ୍ଧ୍ୟା ୬ଟାରେ ଶକ୍ତିପୀଠରେ ପହଞ୍ଚିଥିଲେ। ତା'ପରେ ଶାନ୍ତିକୁଞ୍ଜ ପୁରୋହିତମାନଙ୍କ ଦ୍ୱାରା ଶୁଭକଳସ ପୂଜନ ପରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ କଳସ ଓ ଯଜ୍ଞର ମହତ୍ତ୍ୱ ବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଫେବୃୟାରୀ ୧୦ ତାରିଖରେ ଉଦ୍‌ଯାପିତ ହେବ ବୋଲି ଶକ୍ତିପୀଠର କାର୍ଯ୍ୟକର୍ତ୍ତା ସୂଚନା ଦେଇଥିଲେ।

## ନାଟକ 'ଜାଣି ଅଜଣା' ମାଧ୍ୟମରେ ସଚେତନତା ବାର୍ତ୍ତା



ନାଟକରେ ଅଭିନୟ କରୁଥିବା ଡାକ୍ତର, ଆଶା ଓ ସ୍ୱାସ୍ଥ୍ୟକର୍ମୀ।

**ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଭିନବ ପ୍ରୟାସ**

ରୂପସା, ୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲାସ୍ତରୀୟ ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତି ସମାବେଶରେ ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ ନାଟକ 'ଜାଣି ଅଜଣା' ମଞ୍ଚସ୍ଥ କରାଯାଇଛି। ଏହି ନାଟକ ମାଧ୍ୟମରେ ଡାଇବେଟିସ୍, ବ୍ଲଡ଼ପ୍ରେସର, ହାର୍ଟ, କ୍ୟାନସର, କରୋନା ଭାଇରସ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବାର୍ତ୍ତା ଦିଆଯାଇଛି। ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜଗନ୍ନାଥ ସ୍ୱାଇଁଙ୍କ ରଚିତ ତଥା ନିର୍ଦ୍ଦେଶିତ ଏହି ନାଟକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଓ ମେଡ଼ିକାଲ ଅଫିସର ଡା. ଅସୀତ କୁମାର ପ୍ରଦାନ, ଆଶାକର୍ମୀ ସାବିତ୍ରୀ ପଣ୍ଡା, ରେବତୀ ମହାନ୍ତି, ତିଳୋତ୍ତମା ସେନାପତି, ଶୁଭଶ୍ରୀ ଦାସ, ତନୁଜା ନାୟକ, ସ୍ୱାସ୍ଥ୍ୟକର୍ମୀ ଅରୁଣ ନାୟକ, ଦିଲୀପ ସିଂ, ବସନ୍ତ ମଞ୍ଜରୀ ଦାସ ପ୍ରମୁଖ ଅଭିନୟ କରି ସମସ୍ତଙ୍କୁ ସୁସ୍ଥ ନିରୋଗ ଜୀବନଯାପନ ପାଇଁ ଆହ୍ୱାନ ଦେଇଥିଲେ।

ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସତ୍ୟସୁନ୍ଦର ଗୋସ୍ୱାମୀ ନାଟକ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲାପରିଷଦ ଚେୟାରମ୍ୟାନ ନିବେଦିତା ମହାନ୍ତି ଏହି ସମାବେଶକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଡିଇଓ ପ୍ରମୋଦ କୁମାର ଷଡ଼ଙ୍ଗୀ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମମାଳା ଦାସ ଓ ଶ୍ରମ ଅଧିକାରୀ କୁବେର ବେହେରା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଗଠିତ

ଖଇରା, ୮।୨(ଡି.ଏନ.ଏ.)

ସ୍ଥାନୀୟ ଦୁର୍ଗାମଣ୍ଡପରେ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂତନ ଭାବେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ମହେନ୍ଦ୍ର ପ୍ରସାଦ କବିଙ୍କୁ ସଭାପତି ,କମଳଲୋଚନ ଜେନାଙ୍କୁ ଉପସଭାପତି, ଅରୁଣ କୁମାର ସ୍ୱାଇଁଙ୍କୁ ସମ୍ପାଦକ, ନାରାୟଣ ପ୍ରସାଦ ପେଡାଙ୍କୁ ସହସମ୍ପାଦକ, ପଦ୍ମନାଭ ପଣ୍ଡାଙ୍କୁ କୋଷାଧ୍ୟକ୍ଷ, ଅଭିମନ୍ୟୁ ନାୟକ, ଗୋବିନ୍ଦ ଚନ୍ଦ୍ର ପଣ୍ଡା ଏବଂ ବାବାଜୀ ବେହେରାଙ୍କୁ ସଙ୍ଗଠନ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଅନ୍ତର୍ଯ୍ୟାମୀ ପାତ୍ର, ଚିନ୍ତାମଣି ସାହାଣି, ସୁଦାମ ରାଉତ, ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆ ଏବଂ ଦାମୋଦର ନାୟକଙ୍କୁ ଉପଦେଷ୍ଟା ଦାୟିତ୍ୱ ଅର୍ପଣ କରାଯାଇଥିଲା। ସଂଘର ପଞ୍ଜିକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସଭାପତି କବିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।

## 'ନେତୃତ୍ୱ ବିକାଶ' କର୍ମଶାଳା

ବାଲେଶ୍ୱର ଅଫିସ, ୮।୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ୱାର୍ଲ୍ଡ ବ୍ୟାଙ୍କ ସହାୟତାରେ ଇନ୍‌ଷ୍ଟିଚ୍ୟୁଶନାଲ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ (ଆଇଡିପି) ତରଫରୁ ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧାପକ ଓ ପ୍ରାଧାପକମାନଙ୍କୁ ନେଇ ଦୁଇଦିନିଆ 'ନେତୃତ୍ୱ ବିକାଶ' ଉପରେ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମଧୁମିତା ଦାସ, ଆଇଡିପି ସଂଯୋଜକ ପ୍ରଫେସର ଦେବୀପ୍ରସାଦ ମିଶ୍ର, ଆଇଡିପି ସହସଂଯୋଜକ ପଦ୍ମିନୀ ରାଉତରାୟ ଏବଂ ଟ୍ରେନିଂ ନୋଡାଲ ଅଫିସର ଡ. ଉମାକାନ୍ତ ଦାଶ ଆଲୋଚନା କରିଥିଲେ।

କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ପି.କେ. ପାଢ଼ୀ, ବି. ରଥ ଏବଂ ବାଲେଶ୍ୱର-ଭଦ୍ରକ ଜିଲାର ପୂର୍ବତନ ଡିଏଲ୍‌ସି ବଳରାମ ମିଶ୍ର ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର ୬୦ଗୋଟି ମହାବିଦ୍ୟାଳୟର ୬୩ଜଣ ଅଧ୍ୟକ୍ଷ, ବରିଷ୍ଠ ପ୍ରାଧ୍ୟାପକ, ଅଧ୍ୟାପକ ଯୋଗଦାନ କରିଥିଲେ।




କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ପହଞ୍ଚିଲା ଯବାନଙ୍କ ମରଶରୀର

ବସ୍ତା, ୮।୨(ଡି.ଏନ.ଏ.)



ରାମଚନ୍ଦ୍ର ବେହେରା (ଫାଇଲ୍ ଫଟୋ)

ସେନା ବାହିନୀରେ ପୁଅକୁ ଚାକିରି ମିଳିଥିବା ଖବର ଶୁଣି ଅଭାବୀ ପରିବାରରେ ଆସିଥିଲା ଖୁସିର ଲହରୀ। ମା'ବାପାଙ୍କ ଗୋଡ଼ ତଳେ ଖୁସିରେ ତଳେ ଲାଗୁ ନ ଥିଲା। ସମୟ ଆସିବା ପରେ ପୁଅ ଟ୍ରେନିଂରେ ଗଲା। ମାତ୍ର ଦୁଇମାସ ପରେ ହଠାତ୍ ପୁଅର ଆତ୍ମହତ୍ୟା ଖବର ସତେଯେପରି ପରିବାର ଉପରେ ଦୁଃଖର ପାହାଡ଼ ଖସିପଡ଼ିଲା। ଏଭଳି ଖବରକୁ ସହଜରେ ଗ୍ରହଣ କରିପାରି ନ ଥିଲେ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ। ଆସିଲାନି ପୁଅ, ଆସିଲା ତାଙ୍କ ମୃତଦେହ। ବାଲେଶ୍ୱର ଜିଲା ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ବେଗୁନିଆ ଗ୍ରାମରେ ମରମଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପିତାମ୍ବର ବେହେରା ଚାଷ କାମ ସହିତ ଅନ୍ୟଦିନରେ ସେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ଦୁଇ ପୁଅ। ବଡ଼ପୁଅ ରାମଚନ୍ଦ୍ର ବେହେରା ଯୁକ୍ତ ୩ କଳାରେ ପଢୁଥିବା ବେଳେ ଆର୍ମିରେ ନିଯୁକ୍ତି ମିଳିଥିଲା। ପୁଅ ଦେଶ ସେବା କରିବ ଭାବି ରାମଚନ୍ଦ୍ରଙ୍କ ମା' ବାସନ୍ତୀ ଓ ବାପା ପିତାମ୍ବର ଗର୍ବ ଅନୁଭବ କରିଥିଲେ। ସେ ମହାରାଷ୍ଟ୍ରର ନାଗପୁର କମ୍ପ୍ଟି ଆର୍ମି କ୍ୟାମ୍ପରେ ଟ୍ରେନିଂ ନେଉଥିଲେ। ସପ୍ତାହର ପ୍ରତ୍ୟେକ ରବିବାର ସେ ଘର ଲୋକଙ୍କ

**ଗାଁରେ ଶୋକାକୁଳ ପରିବେଶ**

ସହ କଥା ହୋଇଥାଆନ୍ତି। ଗତ ଶୁକ୍ରବାର ପୂର୍ବାହ୍ନ ୭ଟାରେ ଆର୍ମି ଟ୍ରେନିଂ କ୍ୟାମ୍ପରୁ ଖବର ଆସିଥିଲା, ରାମଚନ୍ଦ୍ର ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସମ୍ପୂର୍ଣ୍ଣ ଗାଁରେ ନୀରବତା ଛାଇଯାଇଥିଲା। ଗତ ୨ ତାରିଖରେ ରବିବାର ସେ ଶେଷଥର ପାଇଁ ଘରଲୋକଙ୍କ ସହ କଥା ହୋଇଥିଲେ। ଟ୍ରେନିଂ କ୍ୟାମ୍ପରେ କଷ୍ଟ ହେଉଥିବା କଥା ରାମଚନ୍ଦ୍ର ତାଙ୍କ ବାପାଙ୍କୁ କହିଥିଲେ। ମାତ୍ର ତାଙ୍କ ବାପା ତାଙ୍କୁ ବୁଝାଇ ଦେଇଥିଲେ। ଏହା ଥିଲା ରାମଚନ୍ଦ୍ରଙ୍କ ତାଙ୍କ ପରିବାର ସହିତ ଶେଷ କଥା। ଶନିବାର ସନ୍ଧ୍ୟାରେ ରାମଚନ୍ଦ୍ରଙ୍କ ମୃତଦେହ ତାଙ୍କ ବାସଭବନରେ ପହଞ୍ଚିଥିଲା। ଖବରପାଇ ସ୍ଥାନୀୟ ନେତୃବୃନ୍ଦ, ବୁଦ୍ଧିଜୀବୀ, ସମାଜସେବୀ ପହଞ୍ଚି ରାମଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।

## ବସ୍ତାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବସ୍ତା, ୮।୨(ଡି.ଏନ.ଏ.)

ବସ୍ତାସ୍ଥିତ ପ୍ରଥମ ବିଚାର ବିଭାଗୀୟ କୋର୍ଟ ପରିସରରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଏସ କୁନମୁନ ଆଚାରୀଙ୍କ ଦ୍ୱାରା ବିଭିନ୍ନ ମାମଲାର ଫଇସଲା ହୋଇଥିଲା । ଓକିଲ ସଂଘର ସଭାପତି ସୁବ୍ରତ ପଣ୍ଡା, ସମ୍ପାଦକ ଗୌରହରି ବେହେରା, ସରକାରୀ ଓକିଲ ପ୍ରଣବ ରଞ୍ଜନ ମିଶ୍ର, ଆଇନଜୀବୀ ପ୍ରଶାନ୍ତ ପଟ୍ଟାୟତ, ସମରେନ୍ଦ୍ର ମହାନ୍ତି, ଗୌତମ ମହାନ୍ତି, ଦୀପେଶ କୁମାର ପାଳ, କ୍ଷୀତିଶ ଗିରି, ବିଭାଗୀୟ କର୍ମଚାରୀ ଅବନୀକାନ୍ତ ପାତ୍ର, ଅଜୟ କୁମାର ଦାସ, ହୃଦାନନ୍ଦ ରାଉତ,ନିରଞ୍ଜନ ଜେନା, କବିତା ସେଠୀ ସହାୟତା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବେଆଇନ ଚାଲାଣ ହେଉଥିବା ୧୧ ଗୋରୁ ଉଦ୍ଧାର

ବାହାନଗା, ୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଫାଣ୍ଡି ସାମ୍ନାରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଏକ ଗୋରୁ ବୋଝେଇ ଗାଡିକୁ ଲୋକମାନେ ଅଟକ ରଖି ପୋଲିସ୍ ଜିମା ଦେଇଛନ୍ତି। ଗାଡିରେ ଥିବା ୧୧ ଗୋରୁଙ୍କୁ ପୋଲିସ ଉଦ୍ଧାର କରିବା ସହ ରେମୁଣାସ୍ଥିତ ଗୋଶାଳାକୁ ପଠାଇଛନ୍ତି। ଗାଡି ଡ୍ରାଇଭର ଓ ହେଲ୍‌ପର ଦୁଇଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ଶନିବାର ବିଳମ୍ବିତ ରାତିରେ ବାହାନଗା ବ୍ଲକ ସାହାସପୁରା ଅଞ୍ଚଳରୁ ପିକ୍‌ଅପ୍ (ନଂ.ଓଡି–୦୧–ଡବ୍ଲ୍ୟୁ–୪୪୧୭) ଯୋଗେ ଗୋରୁ ବୋଝେଇ ହୋଇ ସଲ୍ଟରୋଡ ବାଲେଶ୍ୱର ଦେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ଗୋପାଳପୁର ଫାଣ୍ଡି ନିକଟସ୍ଥ ରାସ୍ତା ଉପରୁ କେତେକ ଯୁବକ ଗାଡିକୁ ଅଟକାଇଥିଲେ। ଗାଡି ଅଟକିବା ପରେ ବେଆଇନ ଅମାନୁଷିକ ଭାବେ ବୋଝେଇ ହୋଇ ଚାଲାଣ ହେଉଥିବା ୧୧ ଗୋରୁଙ୍କୁ ଦେଖି ଗାଡି ଅଟକାଇଥିଲେ। ଯୁବକମାନେ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ଗାଡିକୁ ଜବତ କରିଛି। ଗୋରୁଗୁଡିକୁ ରେମୁଣାସ୍ଥିତ ବାମପଦା ଗୋଶାଳାକୁ ପଠାଇ ଦିଆଯାଇଛି। ଗାଡି ଡ୍ରାଇଭର ସାହାସପୁରା ଗ୍ରାମର ରୁପ୍ ଚାନ୍ଦ ସାହା ଓ ହେଲ୍‌ପର ହିଜାତ ସାହାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ନୃତ୍ୟଗୀତରେ ଯାଦୁ ଦେଖାଇଲେ ଛାତ୍ରୀଛାତ୍ର

ଖଇରା, ୮।୨(ଡି.ଏନ.ଏ.)

**ଶ୍ରୀ ଗୌରରାଧା ଶିକ୍ଷାକେନ୍ଦ୍ରର ସାମ୍ବତ୍ସରିକ ଉତ୍ସବ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପାଣିସାଉଁଳିସ୍ଥିତ ଶ୍ରୀ ଗୌରରାଧା ଶିକ୍ଷାକେନ୍ଦ୍ରର ସାମ୍ବତ୍ସରିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ବିଭିନ୍ନ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଆୟୋଜିତ ହୋଇଯାଇଛି। ଉଜ୍ଜ୍ୱଳକୃଷ୍ଣ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ଏଥିରେ ପୌରୋହିତ୍ୟ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ମୁଖ୍ୟଅତିଥି, ଗେଟେଶ୍ୱର ସଂସ୍କୃତ ବିଦ୍ୟାଳୟର ଶିକ୍ଷକ ଗଣେଶ୍ୱର ସାହୁ ମୁଖ୍ୟବକ୍ତା, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିନା ଗୁରୁରେ ପିଲା ସଂସ୍କାରି ହୋଇପାରିବେ ନାହିଁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଚଳିତବର୍ଷର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପ୍ରଦର୍ଶିତ ହୋଇଥିଲା।

## ୨୭ରୁ ବାଲେଶ୍ୱର ପ୍ରିମିୟର ଲିଗ୍

ବାଲେଶ୍ୱର ଅଫିସ, ୮।୨

ବାଲେଶ୍ୱର କ୍ରିକେଟର୍ସ ଆସୋସିଏଶନ କର୍ମକର୍ତ୍ତାଙ୍କ ନିଷ୍ପତ୍ତି କ୍ରମେ ସ୍ଥାନୀୟ ପରମିଟ୍ ପଡ଼ିଆରେ ବାଲେଶ୍ୱର ପ୍ରିମିୟର ଲିଗ୍‌ର ଏକାଦଶ ସଂସ୍କରଣ ତଥା ବାଲେଶ୍ୱର ପ୍ରିମିୟର ଲିଗ୍ ଜୁନିୟର୍‌ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଫେବୃୟାରୀ ୨୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୬ଟି ଫ୍ରାଞ୍ଚାଇଜ୍ ରହିବେ ଓ ପ୍ରତି ଦଳରେ ୧୩ ଜଣ ଲେଖାଏଁ ବାଲେଶ୍ୱର ଖେଳାଳି ତଥା ୨ଜଣ ବାହାର ଖେଳାଳି ସାମିଲ ହୋଇପାରିବେ। ଇଚ୍ଛୁକ ଫ୍ରାଞ୍ଚାଇଜ୍‌ମାନେ ବିସିଏ ଅଫିସ୍‌ରୁ ଫର୍ମ ସଂଗ୍ରହ କରି ଆସନ୍ତା ୧୩ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଜମା କରିପାରିବେ।

ଲିଗ୍‌ମ୍ୟାଚ୍‌ଗୁଡ଼ିକ ଦିନରେ ଏବଂ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଆଇପିଏଲ୍ ଭଳି ପ୍ଲେ ଅଫ୍ ଫର୍ମାଟ୍‌ରେ ରାତିରେ ଖେଳାଯିବ। ଆସନ୍ତା ୧୫ତାରିଖ ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୨ଟା ମଧ୍ୟରେ ପରିମିଟ୍ ପଡ଼ିଆରେ ଖେଳାଳିଙ୍କ ପଞ୍ଜୀକରଣ ତଥା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଖେଳାଳିମାନେ ପଞ୍ଜୀକରଣ ପାଇଁ ନିଜ ଆଧାରକାର୍ଡ଼ ସହ ୭୦ଟଙ୍କା ଜମା କରିବେ। ଖେଳାଳି ଚୟନ ପରେ ୧୬ତାରିଖରେ ଦଳ ଘୋଷଣା କରିବା ପାଇଁ ଆସୋସିଏଶନ ନିଷ୍ପତ୍ତି ନେଇଛି। ପ୍ରିମିୟର ଲିଗ୍ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ପାଇଁ ଇଚ୍ଛୁକ ଖେଳାଳିମାନେ ଆସୋସିଏଶନ ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତି, ସମ୍ପାଦକ ସପନ କୁମାର ଖିଲାର, ପ୍ରିମିୟର ଲିଗ୍‌ର ଅଧ୍ୟକ୍ଷ ରାଜେଶ ମହାପାତ୍ରଙ୍କୁ ଯୋଗାଯୋଗ କରିପାରିବେ ବୋଲି ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଅଭ୍ୟୁଦୟ ଦାସ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ଆରମ୍ଭ ହେଲା 'ପରୀ' ମହୋତ୍ସବ

ବାଲେଶ୍ୱର ଅଫିସ, ୮।୨

ବାଲେଶ୍ୱର ଟାଉନହଲ୍ ପରିସରରେ ସୁନ୍ଦର ନାରୀ ସମାଜ ପ୍ରତିଷ୍ଠା ପାଇଁ ଏକ ସାଂସ୍କୃତିକ ଜାଗରଣ ପରିପ୍ରେକ୍ଷୀରେ 'ପରୀ–୨୦୨୦' ମହୋତ୍ସବ ଶନିବାର ତୃତୀୟଥର ପାଇଁ ଉଦ୍‌ଘାଟିତ ହୋଇଛି। ୨ଦିନ ଧରି ହେବାକୁ ଥିବା ଏହି ମହୋତ୍ସବକୁ ମୁଖ୍ୟଅତିଥି ସମାଜସେବୀ ସୁବାସିନୀ ଜେନା ଉଦ୍‌ଘାଟନ କରି ନାରୀ ଜାଗରଣ ଏବଂ ଆତ୍ମନିର୍ଭରଶୀଳ ସହ ସମାଜରେ ପ୍ରତିଷ୍ଠା ଲାଭ କରିବା ପାଇଁ ଏଭଳି ମହୋତ୍ସବକୁ ଭୂୟସୀ ପ୍ରଶଂସା କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ସଭାପତି ରଞ୍ଜିତା ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ମହିଳା କଲେଜ ଅଧ୍ୟକ୍ଷା ବିନୀତା ପଣ୍ଡା, ସମାଜସେବୀ ଶାନ୍ତିଲତା ଦାସ ଯୋଗଦେଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳର ଝିଅ ଓ ମହିଳାମାନଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଛନ୍ତି। ଅନୁଷ୍ଠାନର ପୃଷ୍ଠପୋଷକ ଆଲୋକ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଶକୁନ୍ତଳା ସିଂ, ଅଧ୍ୟକ୍ଷ ଆଶିଷ କୁମାର ଘୋଷ, ଉପାଧ୍ୟକ୍ଷ ଧୀରେନ୍ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଇତିକ୍ରୀଷ୍ଟା ସ୍ୱାଇଁ, ଉପସଭାପତି ରାଜଲକ୍ଷ୍ମୀ ଚାଟାର୍ଜୀ ଓ ମୀନାରାଣୀ ବିଶ୍ୱାଳ, ସାଧାରଣ ସମ୍ପାଦିକା ମିନତୀ ସେଠୀ, ସହସମ୍ପାଦିକା ସ୍ୱାଗତିକା ବାରିକ ଓ ପଦ୍ମିନୀ ଅଧିକାରୀ, ସାଂସ୍କୃତିକ ସମ୍ପାଦିକା ମୋନାଲିସା ପାଣିଗ୍ରାହୀ, ସହ ସାଂସ୍କୃତିକ ସମ୍ପାଦିକା କାମିନୀ ପରିଡ଼ା, ନେହା ନାଜ୍, କୋଷାଧ୍ୟକ୍ଷ ବୀଣା ରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ତାଲୁକ ଆଇନ ସେବା ସମିତିର ସଚେତନତା କାର୍ଯ୍ୟକ୍ରମ

ବଡ଼ସାହି, ୮।୨(ସ୍ୱ.ପ୍ର.)-ବଡ଼ସାହି ବ୍ଲକ ସମ୍ମିଳନୀ କକ୍ଷରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୁଧୀର ରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବେତନଟୀ ବରିଷ୍ଠ ନାଗରିକ ଚୂଡାମଣି ମହାପାତ୍ର, ବେତନଟୀ ଓକିଲ ସଂଘର ସମ୍ପାଦକ ସଞ୍ଜୟ କୁମାର ରାଉତ ଓ ବଡସାହି ବ୍ଲକ ଆକାଉଣ୍ଟ ଅଫିସର ସିଦନାଥ ହାଁସଦା ପ୍ରମୁଖ ଉପସ୍ଥିତ ରହି ନାଗରିକ ଅଧିକାର ଆଇନ ସମ୍ପର୍କିତ ସମସ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି । ସମାନତା, ସ୍ୱାଧୀନତା, ଶୋଷଣ ବିରୋଧୀ, ସାଂସ୍କୃତିକ ଓ ଶିକ୍ଷା, ଧର୍ମ ସ୍ୱାଧୀନତା ଓ ସମ୍ବିଧାନ ପ୍ରତିକାର ଅଧିକାର ଆଇନ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ଜଣାଇଥିଲେ । ନାଗରିକମାନଙ୍କ ମୌଳିକ ଅଧିକାର ଏବଂ ଦାୟିତ୍ୱବୋଧ ସମ୍ପର୍କରେ ବିଧିବଦ୍ଧ ଆଲୋଚନା କରାଯାଇଥିବା ବେଳେ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ ।

### ପୁରୁଣା ବାରିପଦାରେ ଭାଗବତ ପାରାୟଣ

କୁଆମରା, ୮।୨(ଡି.ଏନ.ଏ.): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଗ୍ରାମରେ ପ୍ରତିବର୍ଷ ଭଳି ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଅଧିବାସ, ମଙ୍ଗଳ ଆରତି, ପୂଜାପାଠ, ହୋମଯଜ୍ଞ, ଗୀତା ପଠନ, ଭାଗବତ ପଠନ ପ୍ରଭୃତି କାର୍ଯ୍ୟ ବ୍ରାହ୍ମଣମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିରେ ବହୁ ସାଧୁସନ୍ଥ ଓ ଭକ୍ତ ଯୋଗ ଦେଇଥିଲେ। ମୁଖ୍ୟ ପୁରୋହିତ ଜଗନ୍ନାଥ ପାଢୀଙ୍କ ସମେତ ମୋଟ ୭ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ। କମିଟିର ସଭାପତି ଜୟନ୍ତ କୁମାର ସାହୁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ରବୀନ୍ଦ୍ର ସାହୁ, ରତିକାନ୍ତ ସାହୁ, ମହେଶ୍ୱର ବେହେରା ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ପରିଦର୍ଶନରେ ଆସିଥିଲେ।

### ୨୫୫୦ ବନରାଜ୍ କୁକୁଡା ଚିଆଁ ବଣ୍ଟନ



ବଡ଼ସାହି, ୮।୨(ସ୍ୱ.ପ୍ର.)-ବଡ଼ସାହି ବଡ଼ସାହି ପ୍ରାଣୀ ଚିକିତ୍ସା ଓ ପାଳନ ବିଭାଗ ଆନୁକୂଲ୍ୟରେ ଶନିବାର ଘର ଅଗଣାରେ କୁକୁଡା ପାଳନ କରିବା ପାଇଁ ବନରାଜ୍ କୁକୁଡା ଚିଆଁ ଯୋଗାଇ ଦିଆଯାଇଛି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ ଏପରି ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ସାହି ବ୍ଲକ ୩୦ ପଞ୍ଚାୟତରୁ ୧୯୬ଜଣଙ୍କୁ ଦୁଇଟି ପର୍ଯ୍ୟାୟରେ ୫୦ଟି କୁକୁଡା ଚିଆଁ ଦିଆଯିବାର ଜଣାଯାଇଛି । ପ୍ରଥମ ପର୍ଯ୍ୟାୟରେ୧୦୨ଜଣ ମହିଳାପୁରୁଷଙ୍କୁ ୨୫ଟି ଲେଖାଏଁ ମୋଟ ୨୫୫୦ଟି କୁକୁଡା ଚିଆଁ ପ୍ରଦାନ କରାଯାଇଛି ।

# କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା

## ମୟୂରଭଞ୍ଜରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ

ବାରିପଦା ଅଫିସ, ୮।୨



ଏକ ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁମାନଙ୍କ ଗହଣରେ ମନ୍ତ୍ରୀ ଟୁକୁନି ସାହୁ।

ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଶନିବାର ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତ କରି ବିଭିନ୍ନ ସ୍ଥାନ ପରିଦର୍ଶନ ସହ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଯୋଜନା ଓ ମିଶନ ଶକ୍ତି ଯୋଜନାରେ ପରିଚାଳିତ ବାରିପଦା, ଶ୍ୟାମାଖୁଣ୍ଟା ବ୍ଲକ ଓ ବାରିପଦା ପୌରାଞ୍ଚଳରେ ଥିବା ଦେବେନ୍ଦ୍ରପୁରସ୍ଥିତ ଶିଶୁଯତ୍ନ କେନ୍ଦ୍ର, କାଳିକାପୁର ଠାକୁରାଣୀ ସାହି ଅଙ୍ଗନୱାଡି କେନ୍ଦ୍ର, ବାରିପଦା ପୌରାଞ୍ଚଳସ୍ଥିତ ୱାନ୍‌ଷ୍ଟପ କେନ୍ଦ୍ର ଏବଂ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବନ୍ଧସାହି, ଟିକରପଡା (ତଳସାହି) ଅଙ୍ଗନୱାଡି କେନ୍ଦ୍ର, ଗୁହାଳଡିହି ଅଙ୍ଗନୱାଡି କେନ୍ଦ୍ର ଏବଂ ମିଶନ ଶକ୍ତିଯୋଜନାରେ ପ୍ରସ୍ତୁତ ପୋଡାଅସ୍ତିଆ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଛତୁଆ (ଟିଏଚ୍‌ଆର୍) ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା କେନ୍ଦ୍ର ଏବଂ ଶ୍ୟାମାଖୁଣ୍ଟା ବ୍ଲକର ଗୁହାଳଡିହି ଏସ୍‌ଏଚ୍‌ଜି ଦ୍ୱାରା ସବାଇ ପ୍ରସ୍ତୁତ ସାମଗ୍ରୀ କେନ୍ଦ୍ର ଆଦି ପରିଦର୍ଶନ କରିଥିଲେ।

ଅପରାହ୍ନରେ ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇ ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଯୋଜନା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ମହିଳା ଓ ଶିଶୁମାନଙ୍କ କଲ୍ୟାଣ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ବିଶେଷ କରି ମିଶନ ଶକ୍ତି ଯୋଜନା କାର୍ଯ୍ୟକ୍ରମରେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛନ୍ତି। ମହିଳା ଏସ୍‌ଏଚ୍‌ଜି ସଦସ୍ୟଙ୍କ ସାମାଜିକ ଅର୍ଥନୈତିକ ବିକାଶ ପାଇଁ ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଧ୍ୟାନ ଦେଇ ରିହାତି ଋଣ ସହାୟତା ଯୋଗାଇ ଦେଇଥିଲେ। ସେମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ଉପକରଣଗୁଡିକର ବିକ୍ରୟ ବ୍ୟବସ୍ଥା ପାଇଁ ମେଳା ଆୟୋଜନ କରାଯିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୋରଡା ବିଧାୟକ ରାଜକିଶୋର ଦାସ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଯୋଗଦେଇ ସହରାଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକ ସୁପରିଚାଳନା ଦିଗରେ ଦୃଷ୍ଟି ଦେବା ଏବଂ ମିଶନ ଶକ୍ତି ଯୋଜନାରେ ଯେଉଁ ଏସ୍‌ଏଚ୍‌ଜି ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ ପାଇଁ ରିହାତି ଋଣ ସୁବିଧା ପାଇନାହାନ୍ତି, ସେମାନଙ୍କୁ ଋଣ ଯୋଗାଇବା ସହ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟକ୍ରମରେ ଜ୍ଞାନ ଦକ୍ଷତା କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଜ୍ଞାନ ଦକ୍ଷତା ବୃଦ୍ଧି କରିବା ପାଇଁ କହିଥିଲେ। ଜିଲାପାଳ ବିନୀତ୍ ଭରଦ୍ୱାଜ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଯୋଜନା କାର୍ଯ୍ୟକ୍ରମରେ ବିଶେଷ ଧ୍ୟାନଦେଇ ଜିଲାରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଚଞ୍ଚଳ ରଣା, ଜିଲା ସମାଜ କଲ୍ୟାଣ ଅଧିକାରୀ ଅନୁସୂୟା ସାହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ସେହିଭଳି ଡିପିସି, ମିଶନ ଶକ୍ତି, ଜିଲାର ସମସ୍ତ ବ୍ଲକର ସିଡିପିଓ, ମହିଳା ସୁପରଭାଇଜର ଓ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆସାମ କୁଡୁମୀଙ୍କ ଅଧିକାର ପାଇଁ ମିଳିତ ଉଦ୍ୟମ କରାଯିବ

ବାରିପଦା ଅଫିସ, ୮।୨

ଆସାମର ଉଦୁଲଗୁଡ଼ି ଜିଲାର ଆସାମ କୁଡୁମୀ ସମାଜର ଏକୋଇଶତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଆସାମ କୁଡୁମୀ ସମାଜର ସଭାପତି ଗଙ୍ଗା ପ୍ରସାଦ କୁଡୁମୀଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୁଡୁମୀ ସେନାର ଓଡ଼ିଶା ଅଧ୍ୟକ୍ଷ ଜୈମୁନୀ କୁମାର ମହାନ୍ତ ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିଲେ। ଜୈମୁନୀ ଅତିଥି ଭାବେ ଯୋଗ ଦେଇ ଆସାମ ରାଜ୍ୟର ଏଗାର ଗୋଟି ଜିଲାରେ ବସବାସ କରୁଥିବା ୧୫ ଲକ୍ଷ କୁଡୁମୀ ଜାତିଭାଇଙ୍କ ସାଂସ୍କୃତିକ ତଥା ସାମାଜିକ ଅଧିକାର ଲାଗି ମିଳିତ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଛନ୍ତି। କୁଡୁମୀ ସମ୍ପ୍ରଦାୟର ଲୋକମାନେ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆସାମରେ ବସବାସ କରି ଆସୁଅଛନ୍ତି। ଚାହା ବଗିଚାରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଅଞ୍ଚଳରୁ କୁଡୁମୀ ସମ୍ପ୍ରଦାୟର ଲୋକମାନେ ରହି ଆସାମର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏହା ସତ୍ତ୍ୱେ ଆସାମ ସରକାର ସେମାନଙ୍କ ସାଂସ୍କୃତିକ ବିକାଶ ପାଇଁ ଆଦୌ ଚିନ୍ତା କରୁନାହାନ୍ତି। ଯାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ସପ୍ତାହବ୍ୟାପୀ ହୋଇଥିବା ଏହି କାର୍ଯ୍ୟକ୍ରମରେ ୧୨ ଜଣ ବିଧାୟକ ମନ୍ତ୍ରୀଙ୍କ ସମେତ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ମଧ୍ୟ ଯୋଗ ଦେଇଥିଲେ। କୁଡୁମୀ ସମ୍ପ୍ରଦାୟର ଲୋକମାନଙ୍କ ବିଭିନ୍ନ ପ୍ରକାର ସମସ୍ୟାଗୁଡ଼ିକ ବାବଦରେ ମୁଖ୍ୟମନ୍ତ୍ରୀ ସୋନ୍‌ୱାଲଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ପ୍ରଦାନ କରିବା ନେଇ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ।



ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିମାନେ ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

ବାରିପଦା ଅଫିସ,୮।୨

ଆଜାଦ୍ ବଙ୍ଗଳା ଯୁବକ ସଂଘ ପକ୍ଷରୁ ଶନିବାର ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବିଜୁ ଛାତ୍ର ଜନତା ଦଳର ସହର ସଭାପତି ଶଙ୍କର୍ଷଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ହେମ୍ବ୍ରମ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ୧୬ଟି ଦଳ ଏହି ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି। ରବିବାର ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। କ୍ଲବର ସଦସ୍ୟ ଲକ୍ଷ୍ମଣ ମାରାଣ୍ଡି, ବିନୋଦ ବେହେରା, ଘାସିରାମ ହାଁସଦା, ଜଗତ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# କଖାରୁଶୋଳ ଦଳ ଚାମ୍ପିୟନ

## ପଥରନେଶା ସ୍ୱର୍ଣ୍ଣା କ୍ଲବ ଫୁଟବଲ ଟୁର୍ନାମେଣ୍ଟ

କୋଷ୍ଟା, ୮।୨(ଡି.ଏନ.ଏ.)

ଶୂଳିଆପଦା ବ୍ଲକ କଣ୍ଟିସାହି ପଞ୍ଚାୟତର ପଥରନେଶା ଗ୍ରାମରେ ସ୍ଥାନୀୟ ୧୬ ଗୋଟି ଫୁଟବଲ ଦଳକୁ ନେଇ ଆୟୋଜିତ ହୋଇଥିବା ସ୍ୱର୍ଣ୍ଣା କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳରେ କଖାରୁଶୋଳ ଦଳ ଚାମ୍ପିୟନ ହୋଇଥିବା ବେଳେ ହାଣ୍ଡିଭଙ୍ଗା ଦଳ ରନର୍ସଅପ୍ ହୋଇଥିଲା। ଗତ ୫ ତାରଖଠାରୁ ଏହି ମ୍ୟାଚ୍ ଚାଲିଛି। ଏହି ଅବସରରେ କ୍ଲବର ସଭାପତି ଅନନ୍ତରାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ମୋରଡା ବିଧାୟକ ମାନ୍ୟବର ରାଜକିଶୋର ଦାଶ ଯୋଗଦେଇ ବିଜୟୀ ମାନଙ୍କୁ ଟ୍ରଫି ଓ ପୁରସ୍କାର ବିତରଣ କରିଥିଲେ। ଏହି ଟୁର୍ନାମେଣ୍ଟରେ କଖାରୁଶୋଳ ଦଳ ଚାମ୍ପିୟନ, ହାଣ୍ଡିଭଙ୍ଗା ଦଳ ରନର୍ସଅପ୍, ଆରଡି. ବ୍ରଦର୍ଶ ଦଳ ୩ୟ ଓ ନାଣ୍ଟୁଭାଇ ଦଳ ୪ର୍ଥ ଭାବେ ପୁରସ୍କୃତ ହୋଇଥିଲେ। ସଭା ଶେଷରେ କ୍ଲବର ସମ୍ପାଦକ ଲକ୍ଷ୍ମଣ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

# ସାଂସ୍କୃତିକ ସନ୍ଧ୍ୟା, ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

କୋଷ୍ଟା, ୮।୨(ଡି.ଏନ.ଏ.)

ଶୂଳିଆପଦା ବ୍ଲକ ଫାନିଆ ପଞ୍ଚାୟତର ମୁଣ୍ଡାକଟା ଗ୍ରାମରେ ଏମ୍‌ଏମ୍‌ଏସ. ରୁରାଲ ଡେଭଲପମେଣ୍ଟ ସମିତି ଆନୁକୂଲ୍ୟରେ ଏକ ସାଂସ୍କୃତିକ ସନ୍ଧ୍ୟା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ସଭାପତି ଶୁକଦେବ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରିଡର ତଥା ପ୍ରାକ୍ତନ ସବଇନ୍ସପେକ୍ଟର ଡକ୍ଟର ଗଣେଶ୍ୱର ଭୋଇ ଯୋଗଦାନ କରି ଛାତ୍ରୀଛାତ୍ର ମାନଙ୍କର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏସଆଇ ହରିହର ଧଳ ଯୋଗଦାନ କରି ପିଲାଙ୍କ ସାଂସ୍କୃତିକ ପ୍ରତିଭା ତଥା ଅଧ୍ୟୟନ ଉପରେ ମତାମତ ରଖିଥିଲେ । ତତ୍ପରେ ରଙ୍ଗାରଙ୍ଗ ନାଚ, ଗୀତର ଆସର ଜମିଥିଲା । ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଏ ଅଞ୍ଚଳର ଆଦିତ୍ୟ ପ୍ରକାଶ ଧଡା, ଧୀରୋଜ ଶଙ୍କର ନାଏକ, ଚନ୍ଦନ କୁମାର ନାଏକ, ଅଭିମନ୍ୟୁ ହାତୀ, ସୋନାଲି ଧଳ ସେହିପରି + ୨ ପରୀକ୍ଷାରେ ନିବେଦିତା ନାଏକ, ବିଷ୍ଣୁପ୍ରିୟା ନାଏକଙ୍କୁ ବିବେକାନନ୍ଦ ବାଣୀ ପୁସ୍ତିକା ସହିତ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଅଧ୍ୟାପକ ମୁରଲିଧର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନ ସମ୍ପାଦକ ଜଗନ୍ନାଥ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ଉଦଳା ସରସ୍ୱତୀ ମେଳା



ମେଳାରେ ଉପସ୍ଥିତ ଅତିଥି।

ଉଦଳା, ୮।୨(ଡି.ଏନ.ଏ.)

ଉତ୍ତର ଓଡିଶାର ପ୍ରସିଦ୍ଧ ଉଦଳା ସରସ୍ୱତୀ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ଏହି ମେଳା ବାର ଦିନ ଧରି ଆୟୋଜନ କରାଯାଇଥିବା ସରସ୍ୱତୀ ମେଳା କମିଟିର ସଭାପତି ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି । ତେବେ ଏହି ମେଳାକୁ ଶୁକ୍ରବାର ସନ୍ଧ୍ୟାରେ ଉଦଳା ବିଧାୟକ ଭାସ୍କର ମଢେଇ, ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବାର ଆସୋସିଏସନର ସମ୍ପାଦକ ବସନ୍ତ କୁମାର ପରିଡା, ସଦସ୍ୟ ତଥା ପୂର୍ବତନ କାଉନସିଲର ପ୍ରଭାତ କୁମାର ପରିଡା, କ୍ଷୀରୋଦ ରଞ୍ଜନ ମହାନ୍ତି, ଗୋପୀନାଥ ବେହେରା, ରବୀନ୍ଦ୍ର କୁମାର ପରିଡା, ରତ୍ନାକର ପ୍ରଧାନ ପ୍ରମୁଖ ସାଂସ୍କୃତିକ ମଞ୍ଚରେ ଯୋଗ ଦେଇଥିଲେ। ଉଦଳା ହାଇସ୍କୁଲର ପରେଡ୍ ପଡିଆ ଠାରେ ଆୟୋଜିତ ଏହି ମେଳା ପଡିଆରେ ଚଳିତ ବର୍ଷ ବିଭିନ୍ନ ପ୍ରକାରର ସାମଗ୍ରୀ ଦୋକାନ ଖୋଲିଛି। ତଥାକଥିତ ଭାବେ ମୀନାବଜାର ଏବଂ ଆକର୍ଷଣୀୟ ଘରକରଣା ସାମଗ୍ରୀ ଉପରେ ମେଳା ବେଶ୍ ଭରପୁର ରହିଥିବା ଦେଖିବାକୁ ମିଳିଛି। କଟକର ଠୁଙ୍କା ପୁରୀ, ଚାଇଁବସାର ପଥର ଶିଳ୍ପୀ, ବଉଳଗଡିଆର ଶିଳ୍ପୀ ଏହି ମେଳାରେ ସେମାନଙ୍କର ଦୋକାନ ମେଲାଇଛନ୍ତି । ଏହା ସହିତ ବିଭିନ୍ନ ସାମଗ୍ରୀ ମୀନାବଜାର, ହରେକମାଲ୍ ମେଳାକୁ ବେଶ୍ ଆକର୍ଷଣୀୟ କରିବ ବୋଲି ବଣିକ ସଂଘର ସଂପାଦକ ରବୀନ୍ଦ୍ର କୁମାର ପରିଡା କହିଛନ୍ତି।

# ୧୪୧ ଛାତ୍ରୀଙ୍କୁ ଦିଆଗଲା ଆତ୍ମସୁରକ୍ଷା ତାଲିମ

କୁଆମରା ୮।୨ (ଡି.ଏନ.ଏ.)

ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ନନ୍ଦ କିଶୋର ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଶିବିରରେ ମୋଟ ୧୪୧ ଜଣ ଛାତ୍ରୀଙ୍କୁ ୫ଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଛି। ପ୍ରଶିକ୍ଷକ ଭାବେ ଆଲମଣି ଟୁଡୁ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ ଶିଶିର କୁମାର ପୃଷ୍ଟି, ସୁଧାକର ଶତପଥୀ, ପ୍ରଦୀପ କୁମାର ଜେନା, ରତ୍ନାକର ମିଶ୍ର, ଗଜେନ୍ଦ୍ର ନାଥ ନାୟକ, ରବିନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନାରୀ ସୁରକ୍ଷାରେ ଏକ ସୁସ୍ଥ ସମାଜର ପରିକଳ୍ପନା କରାଯାଇପରେ ବୋଲି ମତବ୍ୟକ୍ତ କରିଥିଲେ।

# ଆଗକୁ ବାଟ ଦେଖାଏ ନୈତିକ, ବୌଦ୍ଧିକ ଶିକ୍ଷା



ଅଟଳବିହାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ବାସୁଦେବପୁର,୮।୨(ଡି.ଏନ.ଏ.)

ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରତିଷ୍ଠାତା ଅଟଳ ବିହାରୀ ନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହିତ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ନୈତିକ ଓ ବୌଦ୍ଧିକ ଶିକ୍ଷା ଆଗକୁ ଯିବାକୁ ବାଟ ଦେଖାଏ। ଛାତ୍ରୀଛାତ୍ର ଭଲମଣିଷ ହେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଛାତ୍ରୀଛାତ୍ର ନିଷ୍ଠାବାନ ଓ ସତ୍‌ମାର୍ଗରେ ବ୍ରତୀ ହୋଇ ଭଲ ପାଠ ପଢ଼ିବା ସହିତ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବ୍ରଜମୋହନ ମିଶ୍ର ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଲାଇ ସ୍ୱାଗତ ଭାଷଣ ଓ ଅଧ୍ୟାପକ ଉଦ୍ଧବ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଜାତା ମହାପାତ୍ର ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସବିତା ଚାନ୍ଦ, ବିଜୟ ଅଗସ୍ତୀ ଓ ଅଶୋକ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ‘ସମ୍ପର୍କର ସେତୁ ଗଢ଼େ ମେଳା’

କପ୍ତିପଦା, ୮।୨(ଡି.ଏନ.ଏ.)



ଉଦଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

କପ୍ତିପଦା ବ୍ଲକ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତର କଟୁରିଆଠାରେ ୩୯ତମ ସରସ୍ୱତୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କମିଟିର ସଭାପତି ମୁଚିରାମ ମୁର୍ମୁ ଅଧ୍ୟକ୍ଷତା କରିଛନ୍ତି । ମୁଖ୍ୟଅତିଥି ଭାବେ ଶରତ ପଞ୍ଚାୟତର ସରପଞ୍ଚ ଚୈତନ୍ୟ ପ୍ରସାଦ ସୋରେନ୍, ମୁଖ୍ୟବକ୍ତା ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ କୃଷ୍ଣ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଏସିଏମ୍‌ର ସଂଯୋଜକ ପୀତାମ୍ବର ସାହୁ, ଶିକ୍ଷାବିତ ନନ୍ଦଲାଲ ସେଠୀ, ଲାବଣ୍ୟଦେଇପୁର ସରପଞ୍ଚ ସିନିଶ୍ରୀ ଦେଇ, ସମିତି ସଭ୍ୟା କାଇରା ସିଂ ବାନ୍ଦିଆ, ପୂର୍ବତନ ସରପଞ୍ଚ ସାଲଖାନ ମୁର୍ମୁ ପ୍ରମୁଖ ଯୋଗ ଦେଇ ମେଳା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖେ ଓ ସମ୍ପର୍କର ସେତୁ ତିଆରି କରେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଅମୀୟ ରଞ୍ଜନ ଦାସ, ମାନ ସିଂ ମୁର୍ମୁ ଓ ପିତାମ୍ବର ସାହୁଙ୍କୁ ମା' ସରସ୍ୱତୀ ଗଣ ମହୋତ୍ସବ ସମ୍ମାନରେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସମ୍ପାଦକ ଲେବା ସିଂ, ସଦସ୍ୟ ନାରଣ କିସ୍କୁ, ଧନୁ ହେମ୍ବ୍ରମ୍, ନାରଣ ମୁର୍ମୁ ଓ କରୁଣାକର ପାତ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସର୍ବଶେଷରେ ଶିକ୍ଷକ ଗୌରବ ଡୁରାମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସପ୍ତାହ ଧରି ଏହି ମେଳାରେ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଚଗୀତ, ଆଦିବାସୀ ଅପେରା, ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମେଳାରେ ୨୦୦ରୁ ଊର୍ଦ୍ଧ୍ୱ ଦୋକାନୀ ନିଜର ପସରା ମେଲାଇ ଥିବାବେଳେ ଦର୍ଶକଙ୍କ ସଂଖ୍ୟା ଆଶାତୀତ ଭାବେ ଦେଖିବାକୁ ମିଳିଥିଲା। ଉଦ୍‌ଯାପନୀ ଉତ୍ସବରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିଲା।

## ସଂକ୍ଷେପରେ

### ୨ ସ୍ଥାନରୁ ଚୋରି

ଭଦ୍ରକ ଅଫିସ,୮ା୨- ଭଦ୍ରକ ନୂଆବଜାରସ୍ଥିତ ଏକ ମୋବାଇଲ ଦୋକାନରୁ ଦୁର୍ବୃତ୍ତମାନେ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୋବାଇଲ ଓ ଏକ ଦାମୀ ଲାପ୍‌ଟପ୍ ଚୋରି କରି ନେଇଯାଇଛନ୍ତି। ଦୁର୍ବୃତ୍ତମାନେ କାନ୍ଥ ଭାଙ୍ଗି ଦୋକାନ ଭିତରେ ପଶି ଚୋରି କରିଥିବା ଜଣାପଡ଼ିଛି। ଖବର ପାଇ ଟାଉନ ଥାନା ପୋଲିସ ଘଟଣାର ଅନୁସନ୍ଧାନ କରୁଛି। ସେହିଭଳି ସାମରାଇପୁରର ପ୍ରଫୁଲ୍ଲ ନାୟକଙ୍କ ଘରୁ ଗ୍ରୀଲ କାଟି ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସମେତ ନଗଦ ଟଙ୍କା ଚୋରି ହୋଇଛି। ପୋଲିସ ଦୁଇଟି ଘଟଣାର ତଦନ୍ତ ଜାରି ରଖିଛି।

### ବଦଳିଲେ ଜୀବିକା ମିଶନ ବିପିଏମ୍

ବନ୍ତ,୮ା୨(ଡି.ଏନ.ଏ.)-ବନ୍ତ ବ୍ଲକରେ ଓଡ଼ିଶା ଜୀବିକା ମିଶନର ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ବଦଳି ଥିବା ଜଣାଯାଇଛି। ପୂର୍ବରୁ ବିପିଏମ୍ ଦାୟିତ୍ୱରେ ଥିବା ସସ୍ମିତା ଦାସଙ୍କୁ ଜିଲା କାର୍ଯ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ବଦଳରେ ବାସୁଦେବପୁର ବିପିଏମ୍ ବୀଣାପାଣି ପଣ୍ଡାଙ୍କୁ ଡେପୁଟେଶନରେ ବନ୍ତ ବ୍ଲକ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।

### ୧୯୮୩ ବ୍ୟାଚ୍ ବନ୍ଧୁମିଳନ

ଭଣ୍ଡାରିପୋଖରୀ,୮ା୨(ଡି.ଏନ.ଏ.)- ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ହାଇସ୍କୁଲଠାରେ ୧୯୮୩ ବ୍ୟାଚ୍ ଛାତ୍ର ଓ ଶିକ୍ଷକମାନଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଓ ପରିବାର ସମେତ ଶିକ୍ଷକ, ବିଦ୍ୟାଳୟର ବର୍ତ୍ତମାନ ଶିକ୍ଷକ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ରମାନେ ସ୍କୁଲ ଜୀବନର ଅନୁଭୂତି ବଖାଣିଥିଲେ। ଶିକ୍ଷକ ଗୌରୀଶ୍ୟାମ ଖଟୁଆ, ବେଣୁଧର ପଲାଇ, କୁଳମଣି ବେହେରା, ପଦ୍ମନାଭ ମହାନ୍ତି, ବସନ୍ତ ମହାପାତ୍ର, ସରୋଜ ପଣ୍ଡା ଓ ଗଗନ ବିହାରୀ ମହାପାତ୍ର ଉପସ୍ଥିତ ଥିଲେ। ପୁରାତନ ଛାତ୍ରୀଛାତ୍ର ନନ୍ଦକିଶୋର ସାହୁ, ଦୁର୍ଯ୍ୟୋଧନ ବାରିକ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ମଧୁସୂଦନ ବାରିକ, ଅଜୟ ବେହେରା, କୁଳମଣି ମହାପାତ୍ର, ପ୍ରମୋଦ ବେହେରା, ଅଶୋକ ଜେନା, ଲକ୍ଷ୍ମଣ ବାରିକ, ମମତା ମିଶ୍ର, ପ୍ରସନ୍ନା ମିଶ୍ର, ଅନ୍ନପୂର୍ଣ୍ଣା ସାମଲ ପ୍ରମୁଖ ଉପସ୍ଥିତ ରହି ଭାବ ବିନିମୟ କରିଥିଲେ।

### 'ବାପାଙ୍କ ଚଷମା' ଉନ୍ମୋଚିତ

ଭଣ୍ଡାରିପୋଖରୀ,୮ା୨(ଡି.ଏନ.ଏ.)- ଭଣ୍ଡାରିପୋଖରୀ ବ୍ଲକ ସରସଦାସ୍ଥିତ ଭାଗବତ ଟୁଙ୍ଗୀ ପରିସରରେ କବି ନଟବର ରାଉଳଙ୍କ ରଚିତ ଗଳ୍ପ ପୁସ୍ତକ 'ବାପାଙ୍କ ଚଷମା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ନାଟ୍ୟକାର ସୁଧାକର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ସଭାରେ ଅତିଥି ଭାବେ ବର୍ଷିୟାନ ସାହିତ୍ୟିକ, କବି ଅଚ୍ୟୁତାନନ୍ଦ ସାମଲ, କବି ନାରାୟଣ ସାମଲ, କ୍ଷୀରୋଦ ଚନ୍ଦ୍ର ସାମଲ, ରମେଶ ଚନ୍ଦ୍ର ପତ୍ରି, କରୁଣାକର ବେହୁରିଆ, ବସନ୍ତ ମିଶ୍ର, ହରମୋହନ କୁଅଁର ଓ ସୀତାକାନ୍ତ ପତ୍ରି ପ୍ରମୁଖ ଯୋଗ ଦେଇଥିଲେ। କବୟିତ୍ରୀ ସୁସ୍ମିତା ସ୍ୱାଇଁ ସ୍ୱାଗତ ଭାଷଣ, ନଟବର ରାଉଳ ଅତିଥି ପରିଚୟ ଦେବା ସହ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶେଷରେ ଜଗନ୍ନାଥ ସାମଲ ଧନ୍ୟବାଦ ଦେଇଥିଲେ। ନିରଞ୍ଜନ ପ୍ରଧାନ, ପୀତାମ୍ବର ଭଞ୍ଜ, ଶଶିଭୂଷଣ ସାହୁ, ରବୀନ୍ଦ୍ର ନାଥ ସ୍ୱାଇଁ, ରବୀନ୍ଦ୍ର ଷେଣ୍ଡ ଓ ମୁରଲୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମରାମତି ଦାବିରେ ରାଜପଥ ଅବରୋଧ

ବନ୍ତ,୮ା୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ତାଳପଦା ଛକଠାରେ ରାସ୍ତା ମରାମତି ଦାବିରେ ଶନିବାର ସ୍ଥାନୀୟ ଲୋକେ ଭଦ୍ରକ-ଆନନ୍ଦପୁର ୫୩ ନଂ.ରାଜ୍ୟ ରାଜପଥକୁ ୩ ଘଣ୍ଟା ଧରି ଅବରୋଧ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ କାମଚଳା ରାସ୍ତା ମରାମତି କରାଯାଇଛି। ଏଥିସହ ଖୁବ୍‌ଶୀଘ୍ର ରାସ୍ତା କାମ ଶେଷ କରାଯିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

ଉଲ୍ଲେଖନୀୟ ଯେ, ୧୦ ବର୍ଷ ତଳେ ଏହି ରାଜ୍ୟ ରାଜପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ସରିନାହିଁ। ଏହାମଧ୍ୟରେ ଦୁଇଟି ଠିକାଦାର ସଂସ୍ଥା ପରିବର୍ତ୍ତନ ହୋଇସାରିଛନ୍ତି। ବର୍ଷେ ହେବ ଅନ୍ୟ ଏକ କମ୍ପାନୀ ଏହି ରାସ୍ତାର ନିର୍ମାଣ ଦାୟିତ୍ୱ ନେଇଛି। ବର୍ତ୍ତମାନ ଟିଲୋ ଗ୍ରେନଗୋଲା ଛକଠାରୁ ତାଳପଦା ଛକ ପର୍ଯ୍ୟନ୍ତ ଦେଢ଼ କି.ମି. ରାସ୍ତାକାମ ଅଧାପନ୍ତରିଆ ହୋଇପଡ଼ି ରହିଛି। ରାସ୍ତାରେ ମାଟି ଓ କ୍ରଶର ଗୁଣ୍ଡ ପକାଯାଇଥିବାରୁ ସାମାନ୍ୟ ବର୍ଷାରେ ରାସ୍ତା କାଦୁଅ ହୋଇଯାଉଛି। ଏହି ରାସ୍ତାରେ ଦୈନିକ ଶତାଧିକ ଯାତ୍ରିବାହୀ ଓ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାରେ ଖାଲ ସୃଷ୍ଟି ହୋଇ ଯାତାୟାତରେ ସମସ୍ୟା ହେଉଛି। ଏପରିକି ବହୁ ସମୟରେ ଗାଡ଼ି ଚାଳକମାନେ ଦୁର୍ଘଟଣାରେ ଶିକାର ହେଉଛନ୍ତି। ଗତ ଦୁଇଦିନ ଧରି ବର୍ଷା ଲାଗି ରହିଥିବାରୁ ଏବେ ରାସ୍ତାର ଅବସ୍ଥା ଖରାପ ହୋଇପଡ଼ିଛି। ଶନିବାର ସକାଳେ ଜଣେ ବାଇକ୍ ଚାଳକ ଏହି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ସେହିପରି ଟିଲୋଠାରେ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ଚାଲୁଥିବାରୁ ରାଜ୍ୟ ଓ ଦେଶ ବାହାରୁ ଖେଳାଳିମାନେ ଯାତାୟାତ କରିବାରେ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ଅଞ୍ଚଳର ଲୋକେ


ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀମାନେ।

**ପ୍ରଶାସନର ହସ୍ତକ୍ଷେପ ପରେ କାମଚଳା ମରାମତି**

ତାଳପଦା ଛକଠାରେ ରାଜ୍ୟ ରାଜପଥକୁ ଅବରୋଧ କରିବା ଫଳରେ ୩ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଅତିରିକ୍ତ ତହସିଲଦାର ବନିତାରାଣୀ କିସ୍କୁ, ବନ୍ତ ଥାନାଧିକାରୀ ମିନା ବିନ୍ଧାଣି, ନିର୍ମାଣ ଦାୟିତ୍ୱ ନେଇଥିବା କମ୍ପାନୀର ପ୍ରକଳ୍ପ ପରିଚାଳକ ପବିତ୍ର ଦାସ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଯାତାୟାତ ସୁବିଧା ପାଇଁ ରାସ୍ତାର ଖାଲକୁ ତୁରନ୍ତ ମରାମତି କରାଯାଇଥିଲା। ଅଧାପନ୍ତରିଆ କାର୍ଯ୍ୟକୁ ଖୁବ୍‌ଶୀଘ୍ର ଶେଷ କରିବାକୁ ଠିକାଦାର କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଆନ୍ଦୋଳନକାରୀମାନେ ଓହରି ଯାଇଥିଲେ। ପରେ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବିଦ୍ୟାଳୟର ଉନ୍ନତି ଲାଗି ମିଳିତ ଉଦ୍ୟମ ଲୋଡ଼ା


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ ଅଫିସ, ୮ା୨

ସ୍ଥାନୀୟ ବିନ୍ଧୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ, ମୁଖ୍ୟବକ୍ତା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଅଜୟ ସେଠୀ, ବିଶିଷ୍ଟ ଅତିଥି ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ତଥା ହାସ୍ୟ ଅଭିନେତା ନିମାନନ୍ଦ ସାହୁ, ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ସାହୁ, କାର୍ତ୍ତିକ ଚନ୍ଦ୍ର ବେହେରା ଓ ରାକେଶ ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ନୃସିଂହ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟଅତିଥି ବିଧାୟକ ମଲ୍ଲିକ ତାଙ୍କ ଅଭିଭାଷଣରେ କହିଥିଲେ, ଶିକ୍ଷକ, ଛାତ୍ର ଏବଂ ଅଭିଭାବକଙ୍କ ମିଳିତ ଉଦ୍ୟମରେ ବିଦ୍ୟାଳୟର ଉନ୍ନତି ସାଧିତ ହୋଇପାରିବ। ଶିଶୁମାନେ ଆଗାମୀ କାଲିର ଭବିଷ୍ୟତ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଓଏଚ୍ଆର୍‌ସି ନିକଟରେ ଫେରାଦ ହେବ ରାଷ୍ଟ୍ରୀୟ ପରିଷଦ

ଭଦ୍ରକ ଅଫିସ, ୮ା୨

ଟ୍ରେନ୍ ଆଗକୁ ଡେଇଁ ଛାତ୍ରୀ ଆତ୍ମହତ୍ୟା ଘଟଣା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ପୋଲିସ ପକ୍ଷରୁ ଶୁକ୍ରବାର ରାତିରୁ ତଦନ୍ତ ଆରମ୍ଭ ହୋଇଥିଲେ ହେଁ ପୋଲିସ ନିଜ ଆଡୁ କାହିଁକି ଚୁପ୍ ରହିଥିଲା ସେ ନେଇ ନାନା କଳ୍ପନା ଜଳ୍ପନା ଚାଲିଛି। ଏହି ଘଟଣାରେ ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍ଆର୍‌ସି) ନିକଟରେ ଫେରାଦ ହେବ ବୋଲି ଶନିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମାନବାଧିକାର ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଘଟଣାକୁ ୨୦ ଦିନ ବିତିଲାଣି କିନ୍ତୁ ତଦନ୍ତ ଏବେ ବି କେବଳ କଥାରେ ରହିଯାଇଛି। ପୂର୍ବାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶ ପରେ ପୋଲିସ ପକ୍ଷରୁ ଶୁକ୍ରବାର ଉପର ଠାଉରିଆ ତଦନ୍ତ କରାଯାଇଥିବା ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମାନବାଧିକାର ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ପରିଷଦ ପକ୍ଷରୁ ଓଡ଼ିଶା ମାନବାଧିକାର ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ରାଜ୍ୟ ସମ୍ପାଦକ କ୍ଷୀତିଶ ସାମନ୍ତ ବେହେରା ଓ ସାଧାରଣ ସମ୍ପାଦକ ସନ୍ତୋଷ ଦାସଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାରେ ବହୁ ମହିଳା ସାମାଜିକ ସଙ୍ଗଠନ ମଧ୍ୟ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।


ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମାନବାଧିକାର ପରିଷଦର କର୍ମକର୍ତ୍ତା।

## ପୋଲିସର ପ୍ରାଥମିକ ତଦନ୍ତ ଆରମ୍ଭ

ବାସୁଦେବପୁର,୮ା୨(ଡି.ଏନ.ଏ.)

**ଟ୍ରେନ ଆଗକୁ ଡେଇଁ ଛାତ୍ରୀ ଆତ୍ମହତ୍ୟା ଘଟଣା**

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀ ଗତ ୨୧ ତାରିଖରେ ଭଦ୍ରକ ରେଲଷ୍ଟେଶନରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ୨ ସପ୍ତାହ ପରେ ଶୁକ୍ରବାର ରାତିରେ ବାସୁଦେବପୁର ଥାନା ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମୃତା ଛାତ୍ରୀ ଜଣଙ୍କ ବାଲିନଗର ଅଞ୍ଚଳରେ ରହୁଥିବା ଏକ ମହିଳା ମେସ୍‌ରେ ଭଦ୍ରକ ଏସ୍‌ଡିପିଓ ସୁନୀଲ କୁମାର ନନ୍ଦ, ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି ପ୍ରମୁଖ ପହଞ୍ଚି ଅନ୍ୟ ଛାତ୍ରୀମାନଙ୍କଠାରୁ ବିଭିନ୍ନ କଥା ପଚାରି ବୁଝିଛନ୍ତି। ଏଥିସହିତ ମୃତା ଛାତ୍ରୀଙ୍କ ରୁମ୍ ଯାଞ୍ଚ କରିଛନ୍ତି। ଏସ୍‌ଡିପିଓ ଓ ଆଇଆଇସି ମୃତା ଛାତ୍ରୀଙ୍କ ଘର ଏଡ଼ତାଳ ଅଞ୍ଚଳକୁ ଯାଇ ତାଙ୍କ ସମ୍ପର୍କୀୟଙ୍କଠାରୁ ମଧ୍ୟ ଏ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ଏଥିସହିତ ବ୍ରହ୍ମପୁରରେ ରହୁଥିବା ତାଙ୍କ ମାତାପିତାଙ୍କ ସହିତ ଫୋନ୍‌ରେ ଏହି ଘଟଣା ସମ୍ପର୍କରେ କଥା ହୋଇଥିବା ଆଇଆଇସି ମହାନ୍ତି ସୂଚନା ଦେଇଛନ୍ତି। ଛାତ୍ରୀଙ୍କ ମୃତ୍ୟୁ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ଦେବାକୁ ତାଙ୍କ ସମ୍ପର୍କୀୟମାନେ ଅନିଚ୍ଛା ପ୍ରକାଶ କରିଥିବା ସେ କହିଛନ୍ତି।

# ରାଇଜିଂ ଷ୍ଟାର ଚାମ୍ପିୟନ

ଭଣ୍ଡାରିପୋଖରୀ,୮ା୨(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ପଞ୍ଚାୟତସ୍ଥିତ ପାଲା ପଡ଼ିଆଠାରେ ଚାଲିଥିବା ସତ୍ୟନାରାୟଣ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ରଘୁନାଥପୁର ଟିମ୍‌କୁ ହରାଇ ବନ୍ଧାଳର ରାଇଜିଂ ଷ୍ଟାର ଚାମ୍ପିୟନ ହୋଇଛି। ରାଇଜିଂ ଷ୍ଟାର ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଜବାବରେ ରଘୁନାଥପୁର ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ୍ କରି ହାରି ଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଲଲାଟେନ୍ଦୁ ଜେନା ଓ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଭାବେ କାହ୍ନା ରାଉତ ବିବେଚିତ ହୋଇଥିଲେ। ଅମ୍ପାୟର ମାନସ ଶତପଥୀ ଓ ଦିବ୍ୟପ୍ରକାଶ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ତାପସ ରାଉତ ଓ ବିଭୁଦତ୍ତ ରାଉତ ଥିବାବେଳେ ପିଣ୍ଟୁ ଜେନା ଓ ଅଲେଖ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ପୁଷ୍ପେନ୍ଦୁ ସାମଲ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଭାଜପା ନେତା ବଦ୍ରିନାରାୟଣ ଧଳ, ଅଭିମନ୍ୟୁ ସେଠୀ, ଖବରଦାତା ରାଜେନ୍ଦ୍ର ଶତପଥୀ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରୀତିକାନ୍ତ ରାଉତ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

# ୩୨ ବେଶରେ ଦର୍ଶନ ଦେଲେ ମହାପ୍ରଭୁ


ମହିଳାଙ୍କ କଳସ ଶୋଭାଯାତ୍ରା।

ପଦ୍ମପୁର,୮ା୨(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଅଲବଗା ଝାଡ଼େଶ୍ୱର ମନ୍ଦିରଠାରେ ୩ ଦିନ ବ୍ୟାପୀ ୨୫ତମ ମହାଯଜ୍ଞ ଆରମ୍ଭ ହୋଇଛି। ଝାଡ଼େଶ୍ୱର ଯଜ୍ଞ କମିଟି ପକ୍ଷରୁ ଆୟୋଜିତ ଏହି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଏଥିଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୨ବେଶର ମୃଣ୍ମୟ ମୂର୍ତ୍ତି ମନ୍ଦିର ପରିସରରେ ପ୍ରତିଷ୍ଠା କରାଯାଇଛି। ଶୁକ୍ରବାର ଚନ୍ଦିଆସ୍ଥିତ ମା' ସିଦ୍ଧେଶ୍ୱରୀଙ୍କ ପୀଠରୁ ୧୦୮ ଘଟୋତ୍ତଳନ କରାଯାଇ ସଂକଳ୍ପ, ଗୀତାପାଠ, ମହାଭିଷେକ, ଶନିବାର ମଙ୍ଗଳାଚରଣ ପାଠ, ବିଷ୍ଣୁ ସହସ୍ରନାମ, ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ପ୍ରଥମ ଦିନରେ ପଣ୍ଡିତ ଜିତୁ ଦାସ ଓ ଶନିବାର ତପସ୍ୱିନୀ ପାଢ଼ୀ ପ୍ରବଚନ ଦେଇଥିଲେ। ରବିବାର ରାମଚରଣ ଦାସ ମହାରାଜଙ୍କ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ସେହିପରି ଏଡ଼ତାଳର ପୁରାତନ ଶୈବପୀଠ ତ୍ରିଲୋଚନ ମନ୍ଦିର ପରିସରରେ ୩୨ତମ ନାରାୟଣ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଘଟୋତ୍ତଳନ, ବେଦୀବନ୍ଦାଣ, ଅହୋରାତ୍ର ନାମ ସଂକୀର୍ତ୍ତନ, ନାରାୟଣ ସେବା କରାଯାଇଥିଲା। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପାଦନ ହେବ। ଏହି ମହାଯଜ୍ଞରେ ଏଡ଼ତାଳ, ଅଲବଗା, ଲୁଙ୍ଗା, ଚନ୍ଦିଆ, ଅରଣ୍ଡୁଆ, ପଦ୍ମପୁର, ସୁଗୋ ଓ ବାସୁଦେବପୁର ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିବେ ବୋଲି ଯଜ୍ଞ କମିଟି ପକ୍ଷରୁ କୁହାଯାଇଛି। ଏଡ଼ତାଳଠାରେ ଶୁକ୍ରବାର ପ୍ରବଚକ ପ୍ରମୋଦ କୁମାର ନାୟକ ଓ ଶନିବାର ପ୍ରଭାସିନୀ ରାଉତ ପ୍ରବଚନ ଦେଇଥିଲେ।

# ସତ୍ୟାଗ୍ରହ ଆନ୍ଦୋଳନ

ଭଦ୍ରକ ଅଫିସ, ୮ା୨

ସିଏଏ, ଏନ୍ଆର୍‌ସି ଓ ଏନ୍‌ପିଆର୍ ବିରୋଧରେ ଭଦ୍ରକ ମଲ୍ଲିକ ମଇଦାନଠାରେ ଚାଲିଥିବା ସତ୍ୟାଗ୍ରହ ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। କଟକର ଏକ ପ୍ରତିନିଧି ଦଳ ଆସି ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ପ୍ରଫେସର ତଥା କଟକ ସମ୍ବିଧାନ ବଞ୍ଚାଅ ଆନ୍ଦୋଳନର ଆବାହକ ଡ.ସାମି ସଲିମ, ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ଆଇନଜୀବୀ ଫିରୋଜ ଅହମ୍ମଦ ଖାନ, ଇସରାତ ଜାହାନ, ଏଆଇଡିଏସ୍‌ଓର ରାଜ୍ୟ ଉପସଭାପତି ସିଦ୍ଧାର୍ଥ ରଥ, ଆଇନଜୀବୀ ସାଇରା ବେଗମ, ବୁଦ୍ଧିଜୀବୀ ସେଖ୍ କମିରୁଦ୍ଦିନ, ଯୁବନେତା ସେଖ୍ ଜାଫର, ସେଖ୍ ସିରାଜୁଦ୍ଦିନ, ଜାମିଆର ଛାତ୍ରୀ ଏଲିନା ପ୍ରମୁଖ ସାମିଲ ହୋଇଥିଲେ। ବକ୍ତାମାନେ ସିଏଏ, ଏନ୍ଆର୍‌ସି, ଏନ୍‌ପିଆର୍ ବିରୋଧରେ ବକ୍ତବ୍ୟ ରଖିବା ସହ ଏହି ଆଇନକୁ ପ୍ରତିହତ କରିବା ପାଇଁ ସାରା ଦେଶର ଜନସାଧାରଣ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

# ଆବାସ ନିର୍ମାଣ କାର୍ଯ୍ୟ ତଦାରଖ କଲେ ଅଧିକାରୀ

ଭଣ୍ଡାରିପୋଖରୀ,୮ା୨(ଡି.ଏନ.ଏ.)

ଭଦ୍ରକ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ, ଭଣ୍ଡାରିପୋଖରୀ ବିଡିଓ ବନମାଳି ତରାଇ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ମିଶ୍ର ଶନିବାର ଭଣ୍ଡାରିପୋଖରୀ ବ୍ଲକ ଅଧୀନ ସାନଶାସନ ପଞ୍ଚାୟତର ବାହାଦୁଲନଗର, ବିମ୍ବଲବର ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ଯୋଜନାରେ ପ୍ରଥମ କିସ୍ତି ପାଇଥିବା ହିତାଧିକାରୀଙ୍କୁ ଭେଟିବା ସହ ସେମାନେ ଗୃହ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଉକ୍ତ ପଞ୍ଚାୟତର ୨୦ରୁ ୨୨ଟି ଘର ବୁଲି ଦେଖିଥିଲେ। କେତେଜଣ ହିତାଧିକାରୀ ୫ ମାସ ଧରି ଟଙ୍କା ନେଇ ଗୃହ କାର୍ଯ୍ୟ ଆରମ୍ଭ କରି ନ ଥିବାରୁ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସୂଚନା ଥାଉକି, ୨୦୧୬-୧୭ ଆର୍ଥିକ ବର୍ଷରୁ ୨୦୧୯-୨୦ ପର୍ଯ୍ୟନ୍ତ ହିତାଧିକାରୀ ଟଙ୍କା ନେଇ ମଧ୍ୟ ଗୃହ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ ବୁଲି ଦେଖିବା ପରେ ୭ ଦିନ ଭିତରେ ଗୃହ କାର୍ଯ୍ୟ ଆରମ୍ଭ କରିବାକୁ ହିତାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ପ୍ରକଳ୍ପ ନିର୍ଦ୍ଦେଶକ ଆବାସ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝୁଛନ୍ତି।

# ଆନନ୍ଦମାର୍ଗ ଆଲୋଚନାଚକ୍ର

ଭଦ୍ରକ ଅଫିସ, ୮ା୨

ଆନନ୍ଦମାର୍ଗ ପ୍ରଚାରକ ସଂଘ ଓଡ଼ିଶା ଶାଖା ଆନୁକୂଲ୍ୟରେ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଭଦ୍ରକ ଚରମ୍ପାସ୍ଥିତ ମାରୱାଡି ଭବନରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଏହି ଆଲୋଚନାଚକ୍ରକୁ ସଂଘର କେନ୍ଦ୍ରୀୟ ସମ୍ପାଦକ ଆଚାର୍ଯ୍ୟ ବିଶୁଦ୍ଧାତ୍ମାନନ୍ଦ ଅବଧୂତ ଉଦ୍‌ଘାଟନ କରିଥିଲେ। ଭଦ୍ରକ ଜିଲା ସମ୍ପାଦକ ଜଗନ୍ନାଥ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଆନନ୍ଦମାର୍ଗ ବିଦ୍ୟାଳୟ ଅଧକ୍ଷ ଆଚାର୍ଯ୍ୟ ସତ୍ୟସୁଧାନନ୍ଦ ଅବଧୂତ, ଗୁରୁଧ୍ୟାନାନନ୍ଦ ଅବଧୂତ, ଭାବମିତ୍ରାନନ୍ଦ ଅବଧୂତ, ଜପକୃଷ୍ଣାନନ୍ଦ ଅବଧୂତ, ଅବଧୂତିକା ଆନନ୍ଦ ମଧୁମାଳିକା ଆଚାର୍ଯ୍ୟା, ଦେବଲିନା ଆଚାର୍ଯ୍ୟା, ଚନ୍ଦ୍ରଗୁପ୍ତ ଲେଙ୍କା ପ୍ରମୁଖ ଆନନ୍ଦମାର୍ଗ ଦର୍ଶନର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଏହିଶିବିରରେ ଯୋଗାସନ, ଧ୍ୟାନ, ପ୍ରାଣାୟମ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଜିଲାରୁ ଶତାଧିକ ଛାତ୍ର, ଯୁବକ ଓ ମହିଳା ପ୍ରତିନିଧି ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମକୁ ସୁଧାକର ପ୍ରଧାନ, ସନାତନ ବେହେରା, ଦେବଦତ୍ତ ନିଶିକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।


ଆଲୋଚନା ଚକ୍ରରେ ଉପସ୍ଥିତ ଆଚାର୍ଯ୍ୟମାନେ।

# ସରୁନି ଅଙ୍ଗନୱାଡି ଗୃହ ନିର୍ମାଣ

ଭଦ୍ରକ ଅଫିସ,୮ା୨

- ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ
- କୋଠ, କର୍ମୀଙ୍କ ଘରେ ଚାଲିଛି ପାଠପଢ଼ା

ଭଦ୍ରକ ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ୩ରୁ ୬ବର୍ଷର ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଓ ଶିକ୍ଷା ପ୍ରତି ମନୋନିବେଶ କରି ଅଙ୍ଗନୱାଡି କେନ୍ଦ୍ରକୁ ଆଣିବା ପାଇଁ ହୋଇଥିବା ଉଦ୍ୟମ ଏକପ୍ରକାର ଫସର ଫାଟିଛି। ପ୍ରାୟତଃ କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ କେଉଁଠି କର୍ମୀଙ୍କ ଘରେ ପାଠପଢ଼ା ଚାଲିଛି ତ ଆଉ କେଉଁଠି ଗାଁ କୋଠଘରେ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା କାରଣରୁ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ହୋଇପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ନିଜସ୍ୱ ଗୃହ ନିର୍ମାଣ ସକାଶେ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରୁ ନାହିଁ।

ମିଳିଥିବା ସୂଚନା ଅନୁସାରେ, ୨୦୧୭-୧୮ ଓ ୨୦୧୮-୧୯ରେ ଜିଲାରେ ଦିଆଯାଇଥିବା କାର୍ଯ୍ୟାଦେଶ କେବଳ କାର୍ଯ୍ୟାଦେଶରେ ହିଁ ଅଟକି ରହିଛି। ମୋଟ ୬୫୯ ଗୃହ ମଧ୍ୟରୁ ମାତ୍ର ୪୫ଟି ନିର୍ମାଣ ସରିଛି। ୧୮୬ ଗୃହ ନିର୍ମାଣାଧୀନ ରହିଥିବାବେଳେ ୪୨୮ଟିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ନେଇ ପ୍ରତି ୩ ମାସରେ ଥରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ ବସୁଛି। ହେଲେ ସୁଫଳ ମିଳୁ ନ ଥିବା ପରିତାପର ବିଷୟ ପାଲଟିଛି। ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲିଛି। ତଥ୍ୟ ମୁତାବକ ବାସୁଦେବପୁର ବ୍ଲକରେ ୨୦୧୭-୧୮ ଓ ୨୦୧୮-୧୯ରେ ୯୦ଟି ଘର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା ଓ ଏଥିପାଇଁ ଅର୍ଥ ଅନୁମୋଦନ ହୋଇଥିଲା। ସେଥିମଧ୍ୟରୁ ମାତ୍ର ୪ଟି ଗୃହ ନିର୍ମାଣ ସରିଛି। ସେହିଭଳି ଭଦ୍ରକ ବ୍ଲକରେ ୮୧ଟି ଘର ମଧ୍ୟରୁ ମାତ୍ର ୩ ଓ ଭଣ୍ଡାରିପୋଖରୀରେ ୭୨ଟି ଗୃହ ମଧ୍ୟରୁ ୧୨ଟିର ନିର୍ମାଣ ଶେଷ ହୋଇଛି। ବନ୍ତରେ ୮୨ ଗୃହ ମଧ୍ୟରୁ ୬, ଚାନ୍ଦବାଲିରେ ୧୫୯ରୁ ୪, ଧାମନଗରରେ ୯୪ରୁ ୮ ଏବଂ ତିହିଡ଼ିରେ ୮୧ଟି ଗୃହ ମଧ୍ୟରୁ ୮ଟି ନିର୍ମାଣ ସରିଛି। ଏ ସମ୍ପର୍କରେ ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ପଚାରିବାରୁ ଉପଯୁକ୍ତ ସମୟ ବ୍ୟବଧାନରେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ହେଉଛି ଏବଂ ଶୀଘ୍ର ସାରିବା ପାଇଁ ଅଧିକାରୀଙ୍କୁ ତାଗିଦ୍ କରାଯାଉଛି ବୋଲି କହିଛନ୍ତି।


ବାସୁଦେବପୁର ବ୍ଲକ ସନନ୍ଦପୁର ଗାଁରେ ଏକ ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର।

## ସଂକ୍ଷେପରେ

### ବଟି ଆଦାୟ ଅଭିଯୋଗରେ ସରପଞ୍ଚ ଗିରଫ

ଯୋଡ଼ା, ୮।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ବ୍ଲକର ବିରିକଳା ପଞ୍ଚାୟତର ସରପଞ୍ଚଙ୍କୁ ବିଭିନ୍ନ ମାମଲାରେ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଯୋଡା ଥାନା ଅନ୍ତର୍ଗତ ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ଯୋଡା ଅଞ୍ଚଳର ଜଣେ ବ୍ୟକ୍ତି ମାଂସ ଦୋକାନ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ସମୟରେ ବିରିକଳା ସରପଞ୍ଚ ତାଙ୍କୁ ଧମକଚମକ ଦେଇ ବଟି ଆଦାୟ କରିଥିବା ନେଇ ବିଲେଇପଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ସମ୍ପୃକ୍ତ ସରପଞ୍ଚଙ୍କୁ ଶନିବାର ଅପରାହ୍ନରେ ଗିରଫ କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୨୭/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ବିଭିନ୍ନ ସ୍ଥାନରେ ବର୍ଷା ଆଉ କୋହଲା ପାଗ ଜାରି

ପାଟଣା, ୮।୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକରେ ଘୂର୍ଣ୍ଣି ବଳୟ ଯୋଗୁ ଅଦିନିଆ ବର୍ଷା ସାଙ୍ଗକୁ କୋହଲା ପାଗ ଶୁକ୍ରବାରଠାରୁ ଲାଗିରହିଛି। ଶନିବାର ଦିନତମାମ ଝିପି ଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଲାଗିରହିଥିଲା। ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ଏଥିରେ ଦୋକାନ ବଜାର ସାଙ୍ଗକୁ ଲୋକଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଛି। ଲୋକେ ଘରୁ ପଦାକୁ ବାହାରି ପାରିନାହାନ୍ତି। ପାଟଣା ସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗର କର୍ମଚାରୀ ମାୟାଧର ସେଠୀଙ୍କ ସୂଚନା ଅନୁଯାୟୀ ଶନିବାର ସକାଳ ୫.୩୦ରୁ ସନ୍ଧ୍ୟା ୫.୩୦ମଧ୍ୟରେ ପାଟଣାରେ ୧୮.୪ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି।

ଢେଙ୍କିକୋଟ (ଡି.ଏନ୍.ଏ.)- ରାଜ୍ୟରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁଁ ଗତ ୩ ଦିନ ହେଲା ଢେଙ୍କିକୋଟ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଗ ସାଙ୍ଗକୁ ଗତକାଲି ଭୋର ୪ଟାରୁ ଏକାଧାରାରେ ବର୍ଷା ଲାଗି ରହିଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ଏମିତିକି ଗୃହପାଳିତ ପଶୁ, ଗାଈ, ଛେଳି, ମେଣ୍ଢା ଆଦି ଗୁହାଳଘରୁ ପଦାକୁ ବାହାରି ପାରିନାହାନ୍ତି। ଶନିବାର ଢେଙ୍କିକୋଟ ସାପ୍ତାହିକ ହାଟ, ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀ ବିଭିନ୍ନ ବ୍ୟବସାୟ ନିମନ୍ତେ ଆସୁଥିବାବେଳେ ୫୦ ହଜାର ଲୋକଙ୍କ ସମାଗମ ହୋଇ କିଣାବିକା ହୋଇଥାଏ। ମାତ୍ର ଆଜି ଭଳି ହାଟରେ ୫୦ଜଣ ଲୋକଙ୍କୁ ଦେଖିବାକୁ ମିଳି ନ ଥିଲା।

### 'ଉଦ୍ୟମ' ପ୍ରଶିକ୍ଷଣ ଶିବିର

କେନ୍ଦୁଝର, ୮।୨(ଡି.ଏନ୍.ଏ.)- ମୋଚିବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଜୋନାଲସ୍ତରୀୟ ଶିକ୍ଷକ ଓ ସମ୍ବଳ ଶିକ୍ଷକମାନଙ୍କୁ ନେଇ 'ଉଦ୍ୟମ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଫେବୃୟାରୀ ୪ରୁ ୮ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଅନୁଷ୍ଠିତ ଏହି କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ,ମୋଚିବନ୍ଧ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶିଲ କୁମାର ନାୟକ ଓ ସମଗ୍ର ଶିକ୍ଷା ଅର୍ନ୍ତନିବେଶୀ ଓ ଗଣମାଧ୍ୟମ ସଂଯୋଜକ ପିତବାସ ସାହୁ ଯୋଗ ଦେଇଥିଲେ। ଏହି ତାଲିମ ଶିବିରକୁ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ କମଳାକାନ୍ତ ରଣା, ପ୍ରଭାକର ସାହୁ ଓ ବିଘ୍ନରାଜ ଜେନା ତାଲିମଦାତା ଭାବେ ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ପ୍ରତ୍ୟେକ ବ୍ଲକର ଜଣେ ଶିକ୍ଷକ ଓ ଦୁଇଜଣ ଲେଖାଏଁ ସମ୍ବଳ ଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷଣ, ଫଳାଫଳ ଆଧାରିତ ଏହି କର୍ମଶାଳାରେ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଓପେପା ଉପନିର୍ଦ୍ଦେଶକ ଡ଼ଃ ଉଦୟନାଥ ମାଝୀ ଓ ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। କର୍ମଶାଳାର ପ୍ରତ୍ୟେକ ଶିକ୍ଷଣସ୍ତରକୁ ତର୍ଜମା କରାଯାଇଥିଲା। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଏହି 'ଉଦ୍ୟମ' ତାଲିମ ମାଧ୍ୟମରେ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରିବେ ଏବଂ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ। ଏହି କାର୍ଯ୍ୟକ୍ରମକୁ ବ୍ଲକସ୍ତରରେ ପ୍ରତ୍ୟେକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ ନିମନ୍ତେ କୁହାଯାଇଥିଲା। ସର୍ବଶେଷରେ ସମଗ୍ର ଶିକ୍ଷା ଅର୍ନ୍ତନିବେଶୀ ଓ ଗଣମାଧ୍ୟମ ସଂଯୋଜକ ପିତବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଦିନିଆ ବର୍ଷାରେ ଯୋଡ଼ା ବେହାଲ

- ପିଚୁ ରୋଡ୍‌ରେ କାଦୁଅର ଆସ୍ତରଣ
- ସୃଷ୍ଟି କରୁଛି ଚକୋଲେଟ୍‌ର ଭ୍ରମ
- ଜନଜୀବନ ଅସ୍ତବ୍ୟସ୍ତ

ଯୋଡ଼ା, ୮।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ଅଦିନିଆ ବର୍ଷା ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୋଡା ସହରରେ ଥିବା ପିଚୁ ରାସ୍ତା ଉପରେ କାଦୁଅର ଆସ୍ତରଣ ଚକୋଲେଟ୍‌ର ଭ୍ରମ ସୃଷ୍ଟି କରୁଛି । ଏହା ସହିତ ଯୋଡା-ବଡବିଲ, ଯୋଡା-ବାମେବାରୀ, ଯୋଡା- ବିଲେଇପଦା, ବିଲେଇପଦା-ମୃଗା ପ୍ରମୁଖ ରାସ୍ତା ବର୍ଷା ଓ କାଦୁଅ ପାଇଁ ପ୍ରାୟତଃ ସମ୍ପୂର୍ଣ୍ଣ ଟ୍ରାଫିକ ଠପ୍ ହୋଇଯାଇଛି । ଯୋଡା ପୋଲିସ, ଘରୋଇ ସୁରକ୍ଷାକର୍ମୀ ମିଶି ଟ୍ରାଫିକ ନିୟନ୍ତ୍ରଣ କରୁଥିଲେ ହେଁ, ଏଥିରେ କୌଣସି ସୁଦ୍ଧାର ନାହିଁ । ଅତ୍ୟବଶକୀୟ ଜିନିଷ ଯଥା- କ୍ଷୀର, ପନିପରିବା, ମାଛ ସହରକୁ ପହଞ୍ଚି ପାରୁ ନ ଥିବା ବେଳେ ଖବରକାଗଜ ଗାଡି ମଧ୍ୟ ସହରକୁ ଆସି ପାରୁନାହିଁ । ସହରର ବିଭିନ୍ନ ବସ୍ତି ଓ ହଟିଂର ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଅଦିନିଆ ଝିପି ଝିପି ବର୍ଷାରେ ମଧ୍ୟ ସହରରେ ଏକ କୃତ୍ରିମ ବନ୍ୟା ଭଳି ପରିସ୍ଥିତି ଉପୁଜିଛି। ଯୋଡାର ଦୁଇଟି ବଜାରକୁ ସଂଯୋଗ କରିଥିବା ସୁନାନଦୀ ପୋଲ ଉପରେ କାଦୁଅ, ମାଟି, ପାଣି ଜମି ରହିଥିବାରୁ ସାଧାରଣ ବାଟୋଇ ମଧ୍ୟ ପାଦରେ ଚାଲି ଯାଇପାରୁନାହାନ୍ତି। ବାଟୋଇ ବିଜୟ ବେହେରା ଖବରକାଗଜ ବ୍ୟବସାୟୀ ସୁରେଶ ନାୟକ, ମହିଳା ତାରି କାରୁଆ, ଦୁଃଖବନ୍ଧୁ ଦେହୁରୀ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ହଜାର ହଜାର କୋଟି ଟଙ୍କା ଖଣିଜ ପାଣ୍ଠି ଏଅଞ୍ଚଳରୁ ଯାଉଥିଲେ ମଧ୍ୟ ଏହାର ବିନିଯୋଗ ଜିଲା ପ୍ରଶାସନ ଠିକ୍ ଭାବରେ କରିପାରୁନାହିଁ। ମୌଳିକ ସୁବିଧା ମଧ୍ୟ ଏଠାରେ ଅପହଞ୍ଚ। ରାସ୍ତାର ଅବସ୍ଥା ସତେ ଯେପରି କେହି ଚକୋଲେଟ୍‌କୁ ରାସ୍ତା ଉପରେ ଦଳିଚକଟି ଦେଇଛି ବୋଲି ସେମାନେ କହିଛନ୍ତି। ଖଣିର ନିଲାମ ପ୍ରକ୍ରିୟା ଚାଲୁଥିବାରୁ ମାର୍ଚ୍ଚମାସ ମଧ୍ୟରେ ଖଣିର ଷ୍ଟକକୁ ପରିବହନ ପାଇଁ ରାଜ୍ୟ ତଥା ବିଭିନ୍ନ ରାଜ୍ୟର ହଜାର ହଜାର ସଂଖ୍ୟାରେ ଭାରିଯାନ ଚଳାଚଳ ଜନଜୀବନକୁ ଦୁର୍ବିଷହ କରିପକାଉଛି । ସକାଳେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ରାସ୍ତା ଜାମ୍ ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏତେ ଅସୁବିଧା ସତ୍ତ୍ୱେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନାହିଁ।



ସୁନାନଦୀ ପୋଲ।

# ଶ୍ରମିକ ଛଟେଇ ପାଇଁ ଖଣି କମ୍ପାନୀର ନୋଟିସ

## ପ୍ରତିବାଦରେ ଆନ୍ଦୋଳନ ଚେତାବନୀ ଦେଲା ଏଆଇଟିୟୁସି

ଯୋଡ଼ା, ୮।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେଉଥିବା ଥିବା କେତେ ଗୁଡିଏ ଖଣି ଗୁଡିକର ନିଲାମ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଥିବା ବେଳେ ଅନ୍ୟ କେତେ ଗୁଡିକର ନିଲାମ ପ୍ରକ୍ରିୟା ଆଗକୁ ରହିଛି। ଏହି ନିଲାମ ପ୍ରକ୍ରିୟା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ନିଲାମ ହାତେଇଥିବା କମ୍ପାନୀ ଗୁଡିକୁ ଲେଟର ଅଫ୍ ଇଣ୍ଟେଣ୍ଟ ପ୍ରଦାନ କରାଯିବ।

ଇତି ମଧ୍ୟରେ ଖଣି ନିଲାମ ଦ୍ୱାରା କେବଳ ସିରାଜୁଦ୍ଦିନ୍ କମ୍ପାନୀ ତାର ବଳଦା ଖଣି ଓ କେ.ଏନ. ରାମ୍ କମ୍ପାନୀ ରୋଇଡା ଖଣିକୁ ପୁନଃ ନିଜ ଅଧୀନକୁ ଆଣିବାରେ ସଫଳ ହୋଇଛି। ଅନ୍ୟ ସବୁ ବଡ ବଡ ଖଣି ତଥା କେଜେଏସ୍ ଆହାଲୁୱାଲିଆ ନୂଆଗାଁ ଲୌହ ଖଣି ଓ ରୁଙ୍ଗଟାର ଜଜାଙ୍ଗ ଖଣି ଜେଏସଡବ୍ଲ୍ୟୁ କମ୍ପାନୀକୁ ମିଳିଥିବା ବେଳେ ଏସେଲ୍ ମାଇନିଂର ଜିଲିଂ ଖଣି ଶ୍ୟାମ୍ ସେଲ୍ ଏବଂ କେ.ପି ମିନେରାଲ୍ସର ଠାକୁରାଣୀ ଖଣି ଆର୍ସେଲର ମିତଲ କମ୍ପାନୀକୁ ମିଳିଛି। ପୁନଃ ଲିଜ୍ ପାଇ ନ ଥିବା ସମସ୍ତ ଖଣି କମ୍ପାନୀ ଗୁଡ଼ିକ ନିଜ ନିଜର ଶ୍ରମିକଙ୍କୁ ଛଟେଇ କରିବା ପାଇଁ ନୋଟିସ ଜାରି କରିଥିବା ବେଳେ ବର୍ତ୍ତମାନ ଖଣିରେ କାର୍ଯ୍ୟରତ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ସରକାରଙ୍କ ପକ୍ଷରୁ ନୂତନ ଲିଜ୍ ପାଇଥିବା କମ୍ପାନୀଗୁଡ଼ିକୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ତେଣୁ ହଜାର ହଜାର ଶ୍ରମିକ ସେମାନଙ୍କର କର୍ମସଂସ୍ଥାନ ହରାଇବାର ଆଶଙ୍କା ଦେଖାଦେଇଛି । ରାଜ୍ୟ ସରକାର ନୂତନ ଲିଜ୍ ଧାରୀମାନଙ୍କୁ କାର୍ଯ୍ୟାଦେଶ ଦେବା ସମୟରେ ସମସ୍ତ କାର୍ଯ୍ୟରତ ଶ୍ରମିକମାନଙ୍କୁ ନିଯୁକ୍ତିର ସର୍ତ୍ତ ରଖିବା ପାଇଁ ଏଆଇଟିୟୁସି ପକ୍ଷରୁ ଦାବି କରାଯାଇଛି । ଏଣୁ ଖଣିରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ ଶ୍ରମିକ ସଂଘ ଏଆଇଟିୟୁସି ପକ୍ଷରୁ ଜିଲାରେ ବ୍ୟାପକ ଆନ୍ଦୋଳନ କରାଯିବାର ପ୍ରସ୍ତୁତି କରାଯାଉଥିବା ଏଆଇଟିୟୁସିର ରାଜ୍ୟ ସଂପାଦକ ମହେଶ୍ୱର ରାଉତ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ କି, ଯୋଡା ଖଣି ମଣ୍ଡଳର ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନିଯୁକ୍ତି ଓ ଅନ୍ୟାନ୍ୟ ଦାବି କରି ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବାର ଆଶଙ୍କା ଦେଇଖାଦେଇଛି। ତେଣୁ ସରକାର ଏଥିପ୍ରତି ଯତ୍ନବାନ ନହେଲେ ଅଞ୍ଚଳରେ ନିଯୁକ୍ତି ପାଇଁ ହିଂସାତ୍ମକ ପରିବେଶ ସୃଷ୍ଟି ହେବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ବୋଲି କୁହାଯାଇଛି।

# ଜବରଦଖଲ ନେଇ ୱାର୍ଡବାସୀ ତହସିଲଦାରଙ୍କୁ ଭେଟିଲେ

ଝୁମ୍ପୁରା, ୮।୨ (ଡି.ଏନ.ଏ.)

ଝୁମ୍ପୁରା ପଞ୍ଚାୟତର ୨ନଂ ୱାର୍ଡରେ ରାସ୍ତା ଅବରୋଧ କରି ଗୋଟିଏ ପରିବାର ସଦସ୍ୟ ଘର ନିର୍ମାଣ କରୁଥିବାରୁ ୱାର୍ଡବାସୀ ଏହାକୁ ବିରୋଧ କରି ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଅଭିଯୋଗ କରିବାର ୭ଦିନ ବିତି ଯାଇଥିଲେ ହେଁ, ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

ପ୍ରକାଶ ଯେ, ରାସ୍ତାକୁ ଅବରୋଧ କରି ନିର୍ମାଣ ହେଉଥିବା ଘରର ୨ପାର୍ଶ୍ୱରେ ରହିଥିବା ରାସ୍ତା ବସଷ୍ଟାଣ୍ଡ, ସାହିରାସ୍ତା, ପଞ୍ଚାୟତ ରାସ୍ତା, ମେଲଣ ପଡିଆ ରାସ୍ତା, ୬ନଂ ୱାର୍ଡ ରାସ୍ତାକୁ ସଂଯୋଗ କରୁଛି। ପଞ୍ଚାୟତ କାର୍ଯ୍ୟାଳୟକୁ ପିଡିଏସ ବୋଝେଇ ଟ୍ରକ ମଧ୍ୟ ମୁଖ୍ୟତଃ ଏହି ରାସ୍ତା ଦେଇ ଆସିଥାଏ। ନିର୍ମାଣ ହେଉଥିବା ଘରର ଅଣ୍ଡରଗ୍ରାଉଣ୍ଡ ଘର ପାଇଁ ଖୋଳା ଯାଇଥିବା ବିରାଟ ଗର୍ତ୍ତକୁ ରାସ୍ତାର ପ୍ରାୟ ୨ପାର୍ଶ୍ୱକୁ କେତେ ପରିମାଣ ଅବରୋଧ ହୋଇଯିବ। ଏହାକୁ ବିରୋଧ କରି ୨ନଂ ୱାର୍ଡବାସୀଙ୍କ ସହିତ ରାଧାଗୋବିନ୍ଦ ଯୁବସଂଘ, ଜଗନ୍ନାଥ କମିଟିର ସଦସ୍ୟଗଣ ଲିଖିତ ଅଭିଯୋଗ କରିବା ସହିତ ରାସ୍ତା ମାପଚୁପ କରି ଜବରଦଖଲକାରୀଙ୍କୁ ଘର ନିର୍ମାଣର ଅନୁମତି ଦିଆଯାଉ ବୋଲି ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟିଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ସୁପରଭାଇଜର, ରାଜସ୍ୱ ନିରୀକ୍ଷକଙ୍କୁ ପଠାଯାଇଥିଲା। ବର୍ତ୍ତମାନ ପାଇଁ ଘର ନିର୍ମାଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।




ଘର ନିର୍ମାଣ ପାଇଁ ରାସ୍ତା ମଝିରେ ଟିଣ ଘେରା କରି ଫାଉଣ୍ଡେଶନ ଖୋଳା ଚାଲିଛି।

# ଯୋଡ଼ା ମହୋତ୍ସବ ଉଦ୍‌ଘାଟିତ

ଯୋଡ଼ା, ୮।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ଦ୍ୱିତୀୟ ଯୋଡା ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଶନିବାର ପ୍ରତିକୂଳ ପାଣିପାଗ ସତ୍ତ୍ୱେ ହଜାର ହଜାର ଦର୍ଶକ ଯୋଡା ମହୋତ୍ସବରେ ଉପସ୍ଥିତ ଥିଲେ। ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟ, ବଡବିଲ୍ ଏସ୍‌ଡିପିଓ ସତ୍ୟବିକାଶ ଭୂୟାଁ, ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଭାବେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଯୋଡା ମହୋତ୍ସବ କମିଟିର ସଂଯୋଜକ ସୁଶାନ୍ତ କୁମାର ବାରିକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମହୋତ୍ସବ ସଭା ପାଳନ ପୂର୍ବରୁ ବିରାଟ ପଟୁଆରରେ ବାଜା ବାଣ ବଜାଇ ମହା ଆଡମ୍ବରରେ ମହିଳା ଓ ପୁରୁଷମାନେ ସହର ପରିକ୍ରମା କରିଥିଲେ। ଏହି ମହୋତ୍ସବ ତିନି ଦିନ ଧରି ପାଳନ କରାଯିବ । ପାଗ କୋହଲା ସତ୍ତ୍ୱେ ମଧ୍ୟ ହଜାର ହଜାର ଦର୍ଶକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ପ୍ରାୟ ୫୦ ରୁ ଅଧିକ ଷ୍ଟଲ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି। ଏଥିରେ ସୁସ୍ୱାଦୟ ବ୍ୟଞ୍ଜନ ବି ମହିଳା ସ୍ୱୟଂ ସହାୟ ଗୋଷ୍ଠୀମାନେ ବିକ୍ରୟ କରୁଛନ୍ତି। ଯୋଡ଼ା ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ଯୋଡ଼ା ମା' ମାଟି ନୃତ୍ୟ ପରିବେଷଣ କରାଯାଇଥିଲା।




ମହୋତ୍ସବରେ ଉପସ୍ଥିତ ଅତିଥି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜିଲାସ୍ତରୀୟ ଲୋକ ଅଦାଲତ

କେନ୍ଦୁଝର, ୮।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ଜିଲା କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ ଓ ବଡବିଲ ଆଦି କୋର୍ଟରେ ବିଭିନ୍ନ ଅଦାଲତରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ୩୦ଟି ମୋଟର ଯାନ ଦୁର୍ଘଟଣାଜନିତ ମକଦ୍ଦମା ବିଚାର କରାଯାଇ ୧ କୋଟି ୧ ଲକ୍ଷ ୬୦ ହଜାର ଟଙ୍କା, ୮୨ଟି ଦେୱାନୀ କେସରୁ ୪୧ ଲକ୍ଷ ୬୭ ହଜାର ୩୧୩ ଟଙ୍କା, ୪୩ଟି ଫୌଜଦାରୀ କେସ ଫଇସଲା ଓ ପ୍ରାକ୍ ମକଦ୍ଦମାର ୯ଟି କେସ ଫଇସଲା ଏବଂ ୧୪ଟି ପାରିବାରିକ କେସ ଫଇସଲା ହୋଇ ସମୁଦାୟ ୧୯୨ଟି କେସ ଫଇସଲା ହୋଇଛି। ଏହି ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ବେଣୁଧର ପାତ୍ର ବିଚାର ଆରମ୍ଭ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସ୍ଥାୟୀ ଲୋକ ଅଦାଲତର ବିଚାରପତି ରାମନାଥ ପଣ୍ଡା,ପାରିବାରିକ ଅଦାଲତର ମିନତୀ କୁମାରୀ ପଣ୍ଡା, ଏଡିଜେ ଲୋକନାଥ ସାହୁ, ସିଜେଏମ୍ ଚିରଞ୍ଜନ ପାତ୍ର, ଆଇନସେବା ପ୍ରାଧିକରଣର ସଚିବ ବନାଲି ତ୍ରିପାଠୀ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଡ଼ଃ ମମତା ମହାନ୍ତି, ଦେୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ, ଏସ୍‌ଡିଜେଏମ୍ ପବିତ୍ରାନନ୍ଦ ପ୍ରଧାନ ଏବଂ ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ବିଚାରପତି ବିରଜା ପ୍ରସାଦ ପଣ୍ଡା, ସିପ୍ରା ପ୍ରିୟଦର୍ଶିନୀ ସାହୁ ଓ ଐଶ୍ୱର୍ଯ୍ୟା କର ପ୍ରମୁଖ ନିଜ ନିଜ କୋର୍ଟ ପରିଚାଳନା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ଓ ସିଭିଲ କୋର୍ଟର ସମସ୍ତ କର୍ମକର୍ତ୍ତା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।



ସ୍ଥାନୀୟ ଲୋକମାନେ ନଦୀରୁ ଅଖାରେ ଥିବା ମୃତଦେହ ଉଦ୍ଧାର କରୁଛନ୍ତି।

# ବୈତରଣୀରୁ ୨ ମୃତଦେହ ଉଦ୍ଧାର

## ହତ୍ୟା କରି ନଦୀରେ ଫିଙ୍ଗିଦେଇଥିବା ସନ୍ଦେହ

ପାଟଣା/ଚମ୍ପୁଆ, ୮।୨ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ଫୁଲକଅଳେଇ ଗ୍ରାମଦେଇ ପ୍ରବାହିତ ବୈତରଣୀ ନଦୀ ଖଲି ଚଉପତି ଘାଟରେ ଅଖାବସ୍ତାରେ ବନ୍ଧା ଅବସ୍ଥାରେ ଦୁଇଟି ଗଳିତ ମୃତଦେହ ଭାସୁଥିବାର ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଲୋକେ ଦେଖି ବାରିଆ ଥାନାକୁ ଖବର ଦେଇଥିଲେ। ତେବେ ସନ୍ଧ୍ୟା ଓ ମେଘ ହେଉଥିବାରୁ ଗତ ଶୁକ୍ରବାର ମୃତଦେହ ଉଦ୍ଧାର ହୋଇ ପାରି ନ ଥିଲା। ଶନିବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ଜଣାପଡ଼ିଛି ଯେ ଅଖା ମଧ୍ୟରେ ଜଣେ ୪୦ ବର୍ଷୀୟ ପୁରୁଷ ଓ ଜଣେ ୩୫ ବର୍ଷୀୟ ମହିଳାଙ୍କ ମୃତଦେହ ରହିଥିଲା। ତେବେ ଉଭୟଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବସ୍ତାଟି ଦୁଇଦିନ ଧରି ସେଠାରେ ଭାସୁଥିବାର ଲୋକେ ଦେଖିଥିଲେ। କେହି ଦୁର୍ବୃତ୍ତ ଦୁହିଁଙ୍କୁ ହତ୍ୟା କରିବା ପରେ ମୃତଦେହ ଦୁଇଟିକୁ ବସ୍ତାରେ ଭର୍ତ୍ତି କରିବା ପରେ ପଥରରେ ବାନ୍ଧି ପାଣିରେ ପକାଇ ଦେଇଥିବା ଜଣାପଡିଛି। ବାରିଆ ଥାନାଧିକାରୀ ସୁଶାନ୍ତମଣି ମହାନ୍ତି ଏ ନେଇ ବାରିଆ ଥାନାରେ ଏକ ହତ୍ୟା ମାମଲା (ନଂ.୧୧/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଚମ୍ପୁଆ ଏସଡିପିଓ ହରିହର ପାଣିଙ୍କୁ ପଚାରିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହ ଦୁଇଟିର କୌଣସି ପରିଚୟ ମିଳି ପାରିନାହିଁ । ସ୍ଥାନୀୟ ଅଞ୍ଚଳରେ କୌଣସି ନିଖୋଜ ଖବର ନ ଥିବାରୁ ନଦୀ ଆରପାଖ ମୟୂରଭଞ୍ଜ ଜିଲା ପଡୁଥିବାରୁ ଉକ୍ତ ଅଞ୍ଚଳରେ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରିଛି।

# ଲଗାଣ ବର୍ଷାରେ ରବିଫସଲ କ୍ଷତିଗ୍ରସ୍ତ



ବର୍ଷାରେ ପରିବା ଫସଲ ନଷ୍ଟ ହୋଇଯାଇଛି।

ତେଲକୋଇ, ୮।୨(ଡି.ଏନ.ଏ.)

ଗତ ୨ଦିନ ଧରି ଲଗାଣ ବର୍ଷା ଯୋଗୁ ଏହି ଅଞ୍ଚଳର ରବିଫସଲ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି । ଧାନ ଚାଷ ପରେ ମୁଗ, ବିରି, ଚିନାବାଦାମ, ସୋରିଷ, ସୂର୍ଯ୍ୟମୁଖୀ ସହିତ ପନିପରିବା କରାଯାଇଥାଏ। ତେବେ ଗତ ଗୁରୁବାରଠାରୁ ଲଗାଣ ବର୍ଷା ଯୋଗୁ ବହୁ ଗ୍ରାମରେ ଚାଷ କ୍ଷେତରେ ପାଣି ଜମିବା ଯୋଗୁ ରବିଫସଲ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଧାନ ଚାଷ ପରେ ରବିଫସଲ ପାଇଁ ଚାଷୀଙ୍କୁ ବିହନ ଯୋଗାଣ କରିବା ପରେ ରବିଫସଲ ଚାଷ ଆରମ୍ଭ ହୋଇଥାଏ । ଶନିବାର ମଧ୍ୟାହ୍ନ ପର୍ଯ୍ୟନ୍ତ କୃଷି ବିଭାଗ ପକ୍ଷରୁ ବର୍ଷା ୨୪ମିଲିମିଟର ହୋଇଥିବା ସୂଚନା ଦେଇଛନ୍ତି। ତେବେ ଆଉ ୨ଦିନ ବର୍ଷା ଥିବାରୁ ଚାଷୀମାନେ ଏକପ୍ରକାର ଭୟଭୀତ ଅବସ୍ଥାରେ ଅଛନ୍ତି। ଆଶଙ୍କା ଦେଖାଦେଇଛି। ଚାଷୀ ଅର୍ନ୍ତଯ୍ୟାମୀ ମହାକୁଡଙ୍କ କହିବାନୁଯାୟୀ ୩ଏକର ଜମିରେ କରିଥିବା କୋବି, ବାଇଗଣ, ବିଲାତି, ଲଙ୍କା ଆଦି ବ୍ୟାପକ କ୍ଷତି ହୋଇଛି। ବାର୍ଷିକ ଉକ୍ତ ଫସଲରୁ ୫୦ହଜାର ଟଙ୍କା ପ୍ରାୟ ରୋଜଗାର କରିଥାନ୍ତି। ସେହିପରି ଆଳୁ କିଆରି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସେ କହିଛନ୍ତି ।

# କେନ୍ଦୁଝରରେ ମୋଟ ୧୨୬.୧ ମିଲିମିଟର ବର୍ଷା ରେକର୍ଡ

କେନ୍ଦୁଝର, ୮।୨(ଡି.ଏନ୍.ଏ.)

ଶୁକ୍ରବାର ଅପରାହ୍ନରୁ ଶନିବାର ଦିନ ତମାମ ଜିଲାର ପ୍ରାୟ ସମସ୍ତ ବ୍ଲକ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଥିବା ସୂଚନା ମିଳିଛି। କେନ୍ଦୁଝର ଜିଲାର ୧୩ଟି ଯାକ ବ୍ଲକ ଅଞ୍ଚଳରେ ଶନିବାର ଦିନ କରାଯାଇଥିବା ରେକର୍ଡ ଅନୁସାରେ ୧୨୬.୧ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, କେନ୍ଦୁଝର ସଦର ବ୍ଲକରେ ୧୬.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ବାଂଶପାଳ ବ୍ଲକରେ ୧୨.୨ ମିଲିମିଟର, ତେଲକୋଇ ବ୍ଲକରେ ୨୨.୩ ମିଲିମିଟର, ସାହାରପଡା ବ୍ଲକରେ ୧୪.୨ ମିଲିମିଟର, ଘଟଗାଁ ବ୍ଲକରେ ୧୦.୪ ମିଲିମିଟର, ହରିଚନ୍ଦନପୁର ବ୍ଲକରେ ୩.୨ ମିଲିମିଟର, ଆନନ୍ଦପୁର ବ୍ଲକରେ ୬.୫ ମିଲିମିଟର, ଘସିପୁରା ବ୍ଲକରେ ୬.୩ ମିଲିମିଟର, ହାଟଡିହି ବ୍ଲକରେ ୨.୫ ମିଲିମିଟର, ଚମ୍ପୁଆ ବ୍ଲକରେ ୧.୯ ମିଲିମିଟର, ଯୋଡା ବ୍ଲକରେ ୭.୪ ମିଲିମିଟର ଏବଂ ଝୁମ୍ପୁରା ବ୍ଲକ ଅଞ୍ଚଳରେ ୧୧.୮ ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି।

# ଅଚଳ କମ୍ପ୍ୟୁଟରରେ ଚାଲିଛି ଶିକ୍ଷା

ଚମ୍ପୁଆ, ୮।୨(ଡି.ଏନ.ଏ.)

ଚମ୍ପୁଆ ଅଞ୍ଚଳର ସର୍ବପୁରାତନ ଉଚ୍ଚ ବିଦ୍ୟାଳୟ ଭାବେ ପରିଗଣିତ ମହତାବ ଉଚ୍ଚ ବିଦ୍ୟାଳୟର ଅସ୍ତିତ୍ୱ ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଛି। ଦିନ ଥିଲା ଏହି ବିଦ୍ୟାଳୟରୁ ବାହାରିଥିବା ଛାତ୍ର ଓଡ଼ିଶା ତଥା ବାହାର ରାଜ୍ୟରେ ଉଚ୍ଚ ପଦସ୍ଥ ଅଧିକାରୀ ଭାବେ ନିଜକୁ ଅବସ୍ଥାପିତ କରି ପାରିଥିବା ବେଳେ ଏହି ବିଦ୍ୟାଳୟ ବର୍ତ୍ତମାନ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। କମ୍ପ୍ୟୁଟର ଅଚଳ ତଥାପି ଚାଲିଛି କମ୍ପ୍ୟୁଟର ଶିକ୍ଷା। ଏଥିରୁ ଅନୁମେୟ ପିଲାଙ୍କ ଭବିଷ୍ୟତ ପାଇଁ ଦିଆଯାଇଥିବା ଏହି ଶିକ୍ଷାର ଅବସ୍ଥା।

ସୂଚନା ଅନୁସାରେ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ଭୋକେଶନାଲ୍ ଭାବେ ଆଇଟି ଓ ଆର୍‌ଏମ୍ ଦୁଇ ଗୋଟି ବିଷୟ ଉପରେ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଉଛି। ନବମ ଶ୍ରେଣୀର ୨୮ ଓ ଦଶମ ଶ୍ରେଣୀର ୨୧ ଛାତ୍ରୀଛାତ୍ର ଆଇଟି ପଢୁଥିବା ବେଳେ ଆର୍‌ଏମ୍‌ରେ ନବମ ଶ୍ରେଣୀର ୨୯ ଓ ଦଶମ ଶ୍ରେଣୀର ୨୨ ଛାତ୍ରୀଛାତ୍ର ଏହି ଶିକ୍ଷା ଗ୍ରହଣ କରୁଛନ୍ତି। ଆଇଟି ବିଭାଗରେ ୫ ଗୋଟି କମ୍ପ୍ୟୁଟର ରହିଥିବା ବେଳେ ଆର୍‌ଏମ୍ ବିଭାଗରେ କୌଣସି କମ୍ପ୍ୟୁଟର ନ ଥିବା ଜଣାଯାଇଛି। ଏପରିକି ଆଇଟି ବିଭାଗର ଲାବ୍ ରହିଥିବା ବେଳେ ଆର୍‌ଏମ୍ ବିଭାଗର କୌଣସି ଲାବ୍ ନାହିଁ। ୨୦୧୬ ମସିହାରୁ ଏହି ଶିକ୍ଷା ଆରମ୍ଭ ହୋଇଥିଲେ ମଧ୍ୟ ଏହା କେତେଦୂର ଛାତ୍ରୀଛାତ୍ରଙ୍କ କାମରେ ଲାଗୁଛି ତାହା ଏଥିରୁ ଅନୁମେୟ। ସର୍ଭର ଅସୁବିଧା ପାଇଁ କମ୍ପ୍ୟୁଟରଗୁଡିକ ଚାଲୁ ନ ଥିବାବେଳେ ଛାତ୍ରୀଛାତ୍ରମାନେ ପ୍ରାକ୍ଟିକାଲରୁ ବଞ୍ଚିତ ହେଉଛନ୍ତି। ଏପରିକି କମ୍ପ୍ୟୁଟର ଖରାପ ହୋଇଥିବାରୁ ଏହା କାମରେ ଲାଗୁନି। ଫଳରେ ଛାତ୍ରୀଛାତ୍ରମାନେ ଆଇସିଟି ଲାବ୍‌ରେ ପ୍ରାକ୍ଟିକାଲ କରୁଛନ୍ତି। ସେଠାରେ ରହିଥିବା ୧୦ ଗୋଟି କମ୍ପ୍ୟୁଟରରୁ ୯ ଗୋଟି ବନ୍ଦ ପଡିଥିବା ବେଳେ ଗୋଟିଏରେ କମ୍ପ୍ୟୁଟର ଶିକ୍ଷକ ଶିକ୍ଷା ପ୍ରଦାନ କରୁଛନ୍ତି। ଆସନ୍ତା ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଆଇଟି ଓ ଆର୍‌ଏମ୍ ଛାତ୍ରୀଛାତ୍ରମାନେ କିଭଳି ପରୀକ୍ଷା ଦେବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କ୍ଲାସ୍‌ର ପିରିୟଡ ୪୫ ମିନିଟ ହୋଇଥିବା ବେଳେ ଯେଉଁ କମ୍ପ୍ୟୁଟର ଗୁଡିକ ସଚଳ ଅବସ୍ଥାରେ ଅଛି ତା'ର ସର୍ଭର ଖୋଲିବାକୁ ପ୍ରାୟ ୪୦ ମିନିଟ୍ ଲାଗି ଯାଉଥିବା ଦ୍ୱାରା ପିଲାମାନେ ପ୍ରାକ୍ଟିକାଲ କରି ପାରୁ ନ ଥିବା କମ୍ପ୍ୟୁଟର ଶିକ୍ଷକ କହୁଥିବା ବେଳେ ମାସରେ ଥରେ ଆମ୍ଭେ ଏ ନେଇ ରିପୋର୍ଟ ଦେଉଛୁ ବୋଲି ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମହାନ୍ତ ସୂଚନା ଦେବା ସହିତ ଦାୟିତ୍ୱରେ ଥିବା କମ୍ପାନୀ ଉପରେ ଦୋଷ ଦେଇଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଅନୁରୋଧ କରାଯିବ ବୋଲି ଜଣାଇଛନ୍ତି।



କମ୍ପ୍ୟୁଟର ଲାବ୍‌ରେ ଥିବା ଛାତ୍ରୀଛାତ୍ର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଫେବୃୟାରୀ ୯/୨୦୨୦ Balasore, Sunday, February 9/ 2020

## ସଂକ୍ଷେପରେ

### ଜମିଜମାକୁ କେନ୍ଦ୍ରକରି ଗଣ୍ଡଗୋଳ

ବନ୍ତ, ୮।୨(ଡି.ଏନ.ଏ.)- ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବିନାୟକପୁର ଗ୍ରାମରେ ଶୁକ୍ରବାର ଜମିଜମାକୁ କେନ୍ଦ୍ରକରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏ ନେଇ ଆଗରପଡ଼ା ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ଜମିଜମା ଭାଗ ହେବା ପରେ ସାନଭାଇ ଗୟାଧର ଦାସ ନିଜ ଜାଗାରେ ପାଇଖାନା ନିର୍ମାଣ କରୁଥିଲେ। ଜମି ଭାଗ ହୋଇନାହିଁ ବୋଲି କହି ବଡ଼ଭାଇ ଆନନ୍ଦ ପାଇଖାନା ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉଭୟ ପକ୍ଷରୁ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ମାମଲା(ନଂ.୧୬/୨୦ ଓ ୧୭/୨୦) ରୁଜୁ କରି ତଦନ୍ତ ଚଳାଇଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

କେନ୍ଦୁଝର, ୮।୨(ସ୍ୱ.ପ୍ର.)- ପଣ୍ଡାପଡା ଥାନା ଅନ୍ତର୍ଗତ ଦେଓବନ୍ଧ ଛକ ନିକଟରେ ଭାରସାମ୍ୟ ହରାଇ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ କାରରେ ଥିବା ଜଣେ ଶିଶୁ ଗୁରୁତର ଆହତ ହୋଇଛନ୍ତି।
ମିଳିଥିବା ସୂଚନା ଅନୁଯାୟୀ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଆଟପୁର ଗ୍ରାମର ରତ୍ନାକର ପ୍ରଧାନ ତାଙ୍କ ପୁତୁରାଙ୍କ ସହ କାରରେ କେନ୍ଦୁଝରରୁ ଘରକୁ ଫେରୁଥିବା ବେଳେ ଦେଓବନ୍ଧ ଛକ ନିକଟରେ କାରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଖବର ପାଇ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ରତ୍ନାକରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଶିଶୁର ଚିକିତ୍ସା ଚାଲିଛି। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

# ୯ ବଖରା ଜଳିଗଲା, ଗୃହପାଳିତ ପ୍ରାଣୀ ଜୀବନ୍ତ ଦଗ୍ଧ

**ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ**

ଜଳେଶ୍ୱର/ ବାଲିଆପାଳ, ବସ୍ତା, ୮।୨(ସ୍ୱ.ପ୍ର)

ବାଲେଶ୍ୱର ଜିଲା ୩ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟି ମୋଟ ୯ ବଖରା ଜଳିଯିବା ସହ ଗୃହପାଳିତ ପ୍ରାଣୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।

ଜଳେଶ୍ୱର ବ୍ଲକ ଭଣ୍ଡାରୀପଲ୍ଲୀ ପଞ୍ଚାୟତ ଅସ୍ତଡ଼ିହା ଗାଁର ଶୁକ୍ରବାର ରାତିରେ ଅକସ୍ମାତ ଅଗ୍ନିକାଣ୍ଡ ଘଟି ୩ ପରିବାରଙ୍କ ଘର ଜଳିଯାଇଛି। ସମରେନ୍ଦ୍ର ସାମଲ, ରାଜୀବ ସାମଲ ଓ ସଞ୍ଜୀବ ସାମଲଙ୍କ ବାସଗୃହ ପୋଡ଼ିଯାଇଛି। ୩ ପରିବାରର ୫୦ କୁଇଣ୍ଟାଲ ଧାନ, ଆସବାବପତ୍ର, ଜିନିଷ ନଷ୍ଟ ହୋଇଥିଲା। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ହେମନ୍ତ କୁମାର ଗିରି ଦାବି କରିଛନ୍ତି। ବାଲିଆପାଳ ବ୍ଲକ କେନ୍ଦୁଆଡ଼ିଆ ଗ୍ରାମର ବରେନ୍ଦ୍ର ଧଳଙ୍କ ଗୁହାଳରେ ନିଆଁ ଲାଗି ତାଙ୍କ ପଡ଼ୋଶୀଙ୍କର ଏକ ବଖରା ଚାଳଘର ପୋଡ଼ି ଭସ୍ମୀଭୂତ ହୋଇଯାଇଛି।

ବାଲିଆପାଳ ବ୍ଲକ କେନ୍ଦୁଆଡ଼ିଆ ଗ୍ରାମର ବରେନ୍ଦ୍ର ଧଳ ନିଜ ଗୁହାଳରେ ଧୂଆଁ ଲଗାଇଥିଲେ। ବିଳମ୍ବିତ ରାତିରେ ଗୁହାଳରେ ନିଆଁ ଲାଗି ଗୁହାଳ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଏଥିସହିତ ତାଙ୍କର ପଡ଼ୋଶୀ ରମେଶ ଧଳଙ୍କ ଘରେ ମଧ୍ୟ ନିଆଁ ଲାଗିଯାଇ ତାଙ୍କର ଏକ ବଖରା ଚାଳିଆ ଜଳିଯାଇଛି। ଗୁହାଳରେ ବନ୍ଧା ହୋଇଥିବା ଗୋଟିଏ ବାଛୁରୀ ପୋଡ଼ି ମରିଯାଇଥିବା ବେଳେ ଅନ୍ୟ ତିନୋଟି ଗୋରୁ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ନିଆଁରେ ଘରେ ଥିବା ଆସବାବପତ୍ର, ଧାନ, ଚାଉଳ ଆଦି ଅନ୍ୟାନ୍ୟ ଜିନିଷପତ୍ର ଜଳିଯାଇଛି।

ବସ୍ତା ଥାନା ମୁକୁଳିଶି ପଞ୍ଚାୟତ କୁଶୁଦା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯିବା ସହ ବିପୁଳ କ୍ଷତି ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଗ୍ରାମର ଝଡ଼ିବନ୍ଧୁ ବିଶ୍ୱାଳ ଓ ହାଡ଼ିବନ୍ଧୁ ବିଶ୍ୱାଳଙ୍କ ଘରେ ନିଆଁ ଲାଗିଥିଲା। ନିଆଁ ଏତେ ଜୋର୍‌ରେ ଲାଗିଥିଲା ଯେ ତାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିଥିଲା। ଅଗ୍ନିକାଣ୍ଡରେ ଦୁଇ ବଖରା ଘର ସମେତ ଦୁଇଟି ଗୁହାଳ ମଧ୍ୟ ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡରେ ଦୁଇଟି ଗୋରୁ, ୧୦ଟି ଛେଳି, ୩୦ଟି କୁକୁଡା, ୯୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଅମଳ ହୋଇଥିବା ଧାନ, ଦୁଇଟି ଧାନଗାଦି, ଘର ଆସବାବପତ୍ର ଲୁଗାପଟା ସମେତ ଗୃହ ଉପକରଣ ପୋଡି ଛାରଖାର ହୋଇଯାଇଥିଲା। ବସ୍ତା ଦମକଳ ବାହିନୀ ଓ ବସ୍ତା ପୋଲିସ ପହଞ୍ଚି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଗୁହାଳରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏହି ଘଟଣା ପରେ ମୁକୁଳିଶି ସରପଞ୍ଚ ପ୍ରତିନିଧି ରଞ୍ଜନ କୁମାର ଧଳ ସର୍ବସ୍ୱାନ୍ତ ହୋଇଥିବା ଦୁଇ ପରିବାରଙ୍କୁ ଭେଟି ସାହାଯ୍ୟର ହାତ ବଢ଼ାଇଛନ୍ତି।



ନିଆଁରେ ପୋଡ଼ି ଯାଇଥିବା ବାସଗୃହ।

# ବିଦେଶରୁ ଫେରିଥିବା ୧୩ ବ୍ୟକ୍ତିଙ୍କ ଡାକ୍ତରୀ ପରୀକ୍ଷା

**ପ୍ରତିଷେଧକ ପାଇଁ ସଚେତନତା**

**କରୋନା ଭୟ**

ଭୋଗରାଇ, ୮।୨(ଡି.ଏନ.ଏ.)

କରୋନା ଭାଇରାସ କାୟାବିସ୍ତାର କରି ଚାଲିଥିବା ବେଳେ ବିଦେଶରୁ ଫେରିଥିବା ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ୧୩ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ବିମାନବନ୍ଦରରେ ଡାକ୍ତରୀ ପରୀକ୍ଷା କରାଯାଇଛି। ତେବେ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବ୍ୟାପକ ସତର୍କ ଓ ପ୍ରତିଷେଧକ ନିମନ୍ତେ ସଚେତନତା କାର୍ଯ୍ୟ କରାଯାଉଛି। ଶନିବାର ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିକିତ୍ସା ଅଧିକାରୀ ଡାକ୍ତର କମଳାକାନ୍ତ ଜେନାଙ୍କ ନେତୃତ୍ୱରେ ଏକ ଚିକିତ୍ସକ ଦଳ ଯାଇ ସେମାନଙ୍କୁ ଡାକ୍ତରୀ ପରୀକ୍ଷା କରିଛନ୍ତି। ଏଥିସହିତ ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କ ସହିତ ପରିବାରର ସମସ୍ତ ସଦସ୍ୟଙ୍କୁ ପ୍ରତିଷେଧକ ନିମନ୍ତେ ମାସ୍କ ଓ କରୋନା ଭୂତାଣୁଜନିତ ସଂକ୍ରମିତ ରୋଗର ଲକ୍ଷଣ ସମ୍ପର୍କରେ ସଚେତନ କରାଯାଇଛି। ଚାଇନାରେ ଏହି ରୋଗ ଅଣାୟତ୍ତ ହୋଇପଡ଼ିଥିବା ବେଳେ ଭୋଗରାଇର ପାଣିଷଣ୍ଡା, ସୁନାଧରବସାଣ ଓ ରସଲପୁର ଗ୍ରାମର ୭ଜଣ ବ୍ୟକ୍ତି ଚାଇନାରୁ ଫେରିଥିବା ବେଳେ ଜାପାନରୁ ୨, ସାଉଦିଆରବରୁ ୩ଜଣ, ଇଣ୍ଡୋନେସିଆରୁ ଜଣେ ବ୍ୟକ୍ତି ଗାଁକୁ ଫେରିଛନ୍ତି।

# ଘରେ ପଶି ନାବାଳିକାଙ୍କୁ ଅସଦାଚରଣ, ଆକ୍ରମଣ

**୨ ଯୁବକ ଗିରଫ, ୨ ଫେରାର**

ବାରିପଦା ଅଫିସ, ୮।୨

ବାରିପଦା ପୌରପରିଷଦ ୨୪ ନମ୍ବର ୱାର୍ଡର କାଳିକାପୁର ଅଞ୍ଚଳରେ ଶୁକ୍ରବାର ରାତିରେ ୪ ଯୁବକ ଏକ ଘରେ ପଶି ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ଆକ୍ରମଣ କରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ବାରିପଦା ଟାଉନ ପୋଲିସ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ ଜଣ ଫେରାର ଅଛନ୍ତି। ଗିରଫ ଯୁବକଦ୍ୱୟ ହେଲେ ଉକ୍ତ ଅଞ୍ଚଳର ଭାନୁ ଦାସ ଓ ରମେଶ ଟୁଡୁ।

ସୂଚନା ଅନୁସାରେ, ଉକ୍ତ ଅଞ୍ଚଳର ଜଣେ ମହିଳାଙ୍କଠାରୁ ୪ ଜଣ ଯୁବକ କିଛି ଟଙ୍କା ଧାର ନେଇଥିଲେ। ମହିଳା ଜଣଙ୍କ ସେମାନଙ୍କୁ ଟଙ୍କା ମାଗୁଥିଲେ ମଧ୍ୟ ସେମାନେ ଦେଉ ନ ଥିଲେ। ଓଲଟା ବିଭିନ୍ନ ସମୟରେ ତାଙ୍କୁ ଗାଳିଗୁଲଜ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ସେହି ୪ ଯୁବକ ମହିଳାଙ୍କ ଘରେ ପଶି ତାଙ୍କୁ ମାଡ଼ ମାରିବା ସହିତ ତାଙ୍କ ନାବାଳିକା ଝିଅକୁ ଅସଦାଚରଣ କରିଥିଲେ। ନାବାଳିକାଙ୍କୁ ମଧ୍ୟ ସେମାନେ ମାଡ଼ ମାରିଥିଲେ। ଏଥିରେ ଗୁରୁତର ନାବାଳିକାଙ୍କୁ ପରିବାର ଲୋକ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ। ପରେ ଏ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ ପୋଲିସ ଏକ ମାମଲା(ନଂ.୬୬/୨୦) ରୁଜୁ କରି ଭାନୁ ଓ ରମେଶଙ୍କୁ ଗିରଫ କରିଛି। ଫେରାର ଥିବା ଅନ୍ୟ ଦୁଇ ଯୁବକଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

# ଗୋଚର ଜମିରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ବିରୋଧ

ଭଣ୍ଡାରିପୋଖରୀ, ୮।୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ଅଧୀନ ଲୁଣପଦୀ ଗ୍ରାମର ଗୋଚର ଜମିରେ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ନିର୍ମାଣକୁ ଉଚ୍ଛେଦ ଓ ବିଲ୍ ପୈଠ ବନ୍ଦ କରିବାକୁ ସେମାନେ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭାଗ ଏହି ଗୃହ ନିର୍ମାଣ କରୁଛି। ଗ୍ରାମରେ ଆବଶ୍ୟକ ଗୋଚର ଜମି ନାହିଁ, ଗୃହପାଳିତ ପ୍ରାଣୀଙ୍କ ପାଇଁ ଚାରଣ ଭୂମି ନାହିଁ। ଗୋଚର ଜମି ସ୍ୱଳ୍ପ ଥିବାରୁ ଏପରି ସ୍ଥଳେ ବେଆଇନ ଭାବେ ଗୋଚର ଜମିକୁ ଗୃହ ନିର୍ମାଣ ଉଦ୍ଦେଶ୍ୟରେ ବ୍ୟବହାର କରାଯିବାର ଯଥାର୍ଥତା ନାହିଁ ବୋଲି ଗ୍ରାମବାସୀ ରତିକାନ୍ତ ଜେନା, ରବୀନ୍ଦ୍ର ସ୍ୱାଇଁ, କୃଷ୍ଣଚନ୍ଦ୍ର ଦଳେଇ, ବିପିନ ବେହେରା, ଶଶୀକାନ୍ତ ଜେନା, ରମାକାନ୍ତ ଜେନା, ଲକ୍ଷ୍ମୀଧର ସ୍ୱାଇଁ, ହେମନ୍ତ ଜେନା, ସନତ ରାଉତ ପ୍ରମୁଖ ବିଡିଓ ବନମାଳି ତରାଇ ଓ ଭଦ୍ରକ ଜିଲାପାଳଙ୍କ ନିକଟରେ ଅଭିଯୋଗରେ ଦର୍ଶାଇଛନ୍ତି। ଗୋଚର ଜମିରେ ଗୃହ ନିର୍ମାଣ ଗ୍ରାମବାସୀ ଓ ଗୃହପାଳିତ ପ୍ରାଣୀଙ୍କ ଲାଗି ସମସ୍ୟା ସୃଷ୍ଟି କରିଛି। ତୁରନ୍ତ ଏହାକୁ ବନ୍ଦ କରାଯିବା ସହ ଗୋଚର ଜମିର ସୁରକ୍ଷା ପାଇଁ ଗ୍ରାମବାସୀ ଜିଦ୍ ଧରିଛନ୍ତି। ଏ ସମ୍ପର୍କରେ ବିଡିଓ ତରାଇଙ୍କୁ ପଚାରିବାରୁ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପାଇଛି କ'ଣ ହୋଇଛି ବୁଝାଯିବ। ପାଟୁଳି ପଞ୍ଚାୟତରେ ୪ଟି ଅଙ୍ଗନୱାଡି ଗୃହ ରାଜନୈତିକ ଦୋଷାରପରେ ବନ୍ଦ ହୋଇ ରହିଥିବା ସେ କହିଛନ୍ତି।



ନିର୍ମାଣାଧୀନ ଅଙ୍ଗନୱାଡି ଗୃହ।

## ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍ ସେମିଫାଇନାଲ ମ୍ୟାଚ୍ ବାତିଲ

ବନ୍ତ,୮।୨(ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନିଷ୍ଟାଡିୟମରେ ଆୟୋଜିତ ୨୭ତମ ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍‌ର ସେମିଫାଇନାଲ ମ୍ୟାଚ୍ ଶନିବାର ହେବାର ଥିଲା। ଏୟାର ଇଣ୍ଡିଆ ମୁମ୍ବାଇ ଓ ଟାଟାସ୍ପୋର୍ଟ୍ସ ମୁମ୍ବାଇ ମଧ୍ୟରେ ମ୍ୟାଚ୍ ହୋଇଥାନ୍ତା। ମାତ୍ର ବର୍ଷା ଯୋଗୁ ଦୁଇ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ଟସ୍ କରି ପାରି ନ ଥିଲେ। ପରେ ରେଫରି ଇଂ.ସୁଧାଂଶୁ ଶେଖର ନାୟକ ୨ଟି ପର୍ଯ୍ୟାୟ ପିଚ୍ ନିରୀକ୍ଷଣ କରିଥିଲେ। ଆଉଟ୍ ଫିଲ୍ଡ ଗ୍ରାଉଣ୍ଡରେ ଅଧିକ ପାଣି ଜମିବା କାରଣରୁ ମ୍ୟାଚ୍‌କୁ ବାତିଲ୍ କରାଯାଇଛି। ରବିବାର ଅନୁକୂଳ ପାଗ ହେଲେ ପ୍ରଥମ ପର୍ଯ୍ୟାୟ ସେମିଫାଇନାଲ ଓ ୨ୟ ପର୍ଯ୍ୟାୟ ଫାଇନାଲ ମ୍ୟାଚ୍ ହେବ ବୋଲି ରେଫରି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

# ଗାଁରେ ପହଞ୍ଚିଲା ସୌମେନ୍ଦ୍ରଙ୍କ ମୃତଦେହ

ଦୋବଲ, ୮।୨

ଭଦ୍ରକ ଜିଲା ଧାମନଗର ବ୍ଲକ ସୋଧ ଗ୍ରାମର ସୌମେନ୍ଦ୍ର ସାହୁ(୨୪)ଙ୍କ ମୃତଦେହ ଶୁକ୍ରବାର ବିଳମ୍ବିତ ରାତିରେ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ସୂଚନା ଥାଉକି, ସୌମେନ୍ଦ୍ର ଆଠଗଡ଼ରେ ଏକ ଘରୋଇ କମ୍ପାନୀରେ ସୁପରଭାଇଜର ଭାବେ ଚାକିରି କରୁଥିଲେ। ଗତ ୩ ତାରିଖରୁ ସେ ନିଖୋଜ ଥିଲେ। ଏ ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ଆଠଗଡ଼ ପୋଲିସ ତଦନ୍ତ ଚଳାଇ ମାଟି ତଳୁ ସୌମେନ୍ଦ୍ରଙ୍କ ମୃତଦେହ ଉଦ୍ଧାର କରିଥିଲା। ସୌମେନ୍ଦ୍ରଙ୍କୁ ମାରି ପୋତି ଦିଆଯାଇଥିବା ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକ ସୌମେନ୍ଦ୍ରଙ୍କ ମୃତଦେହ ଗାଁକୁ ଆଣିଥିଲେ।

## ଏଚ୍‌ଆଇଭି ଆକ୍ରାନ୍ତ ଗର୍ଭବତୀଙ୍କୁ ଚିକିତ୍ସାରେ ଅବହେଳା ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ରୁଜୁ ହେଲା ମାମଲା

ବଡ଼ସାହି, ୮।୨(ସ୍ୱ.ପ୍ର)

ଏଚ୍‌ଆଇଭି ଆକ୍ରାନ୍ତ ଜଣେ ଗର୍ଭବତୀ ମହିଳାଙ୍କ ପ୍ରତି ଚିକିତ୍ସାରେ ଅବହେଳା କରିବା ଘଟଣାକୁ ନେଇ ଜଣେ ସାମାଜିକକର୍ମୀ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ଏ ସଂକ୍ରାନ୍ତରେ କମିଶନଙ୍କ କାର୍ଯ୍ୟାଳୟରେ ଏକ ମାମଲା (ନଂ.୧୪୯୫୮/୧୯) ରୁଜୁ ହୋଇଛି। ୪ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଜବାବ ଦାଖଲ କରାନଗଲେ ପ୍ରୋଟେକ୍ସନ ଅଫ୍ ହ୍ୟୁମାନ ରାଇଟ୍ସ ଆକ୍ଟ ୧୯୯୩ ଅନୁଯାୟୀ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି।

ଘଟଣାରୁ ପ୍ରକାଶ, ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବଡିଭିଜନ ଅଧୀନ ଜାମଦା ଅଞ୍ଚଳର ଜଣେ ମହିଳା ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମହିଳା ଜଣଙ୍କ ଏଚ୍‌ଆଇଭି ରୋଗରେ ଆକ୍ରାନ୍ତ ହୋଇଥିବା ଡାକ୍ତରମାନେ ଜାଣିବା ପରେ ଉତ୍ତମ ଚିକିତ୍ସା ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଡାକ୍ତରମାନଙ୍କ ଚିକିତ୍ସା ଅବହେଳାରୁ ଗର୍ଭସ୍ଥ ଶିଶୁଟିର ମୃତ୍ୟୁ ଘଟିଥିଲା। ଡାକ୍ତରମାନଙ୍କ ଠାରୁ ସୂଚନା ପାଇବା ପରେ ଅସ୍ତ୍ରୋପଚାର କରି ଶିଶୁଟିକୁ ମା' ପେଟରୁ କାଢିବା ପାଇଁ ପରିବାର ଲୋକେ ନିବେଦନ କରିଥିଲେ। ମାତ୍ର ଦୀର୍ଘ ସମୟ ଧରି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନଥିଲା। ସ୍ଥାନୀୟ ଯୁବକମାନେ ଘଟଣା ସମ୍ପର୍କରେ ଜାଣି ହସ୍ତକ୍ଷେପ କରିବାରୁ ଅସ୍ତ୍ରୋପଚାର କରାଯାଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଭୁବନେଶ୍ୱର ସ୍ଥିତ ସାମାଜିକ କର୍ମୀ ସୁଶାନ୍ତ କୁମାର ପାଢୀ ଜାତୀୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଡାକ୍ତରଖାନାରେ ଏଡସ୍ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ସମେତ କର୍ମଚାରୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ସାଧାରଣରେ ଆଲୋଚନା ହେଉଛି।

## ୫ ଚୋରା ମଦ ବେପାରୀ ଗିରଫ

ଜଳେଶ୍ୱର, ୮।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ସୂଚନା ଅନୁଯାୟୀ ଜଳେଶ୍ୱର ଅବକାରୀ ଓଆଇସି ହରପ୍ରସାଦ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଏକ ୫ଜଣିଆ ଟିମ୍ ଜଳେଶ୍ୱର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁବାଡ଼ିଆ (ଜଳେଶ୍ୱରପୁରର) ଦୁବାୟ କିସ୍କୁ, ଚାଳନ୍ତିର ପଦ୍ମିନୀ ସିଂ, ସେକ୍‌ସରାଇର ବିଶ୍ୱଜିତ୍ ଅଣ୍ଡିଆ, ଗୋପର ବାସନ୍ତୀ ଦେହୁରୀ, ବିରିଶପୁରର ବିଦ୍ୟାଧର ସିଂ।










27
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ